## ସଂକ୍ଷେପରେ

### ସଂଯୁକ୍ତା ପ୍ରଧାନ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା



ମାଲକାନଗିରି, ୧୩।୫ (ଡି.ଏନ.ଏ.)- ଓଡିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ମାଲକାନଗିରି ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଭାବେ ସଂଯୁକ୍ତା ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଜିଲାର ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଏବଂ ସଦସ୍ୟ ସଦସ୍ୟା ଚୟନ କରାଯାଇଛି। ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁସାରେ ମାଲକାନଗିରି ଜିଲାର ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଭାବେ ସଂଯୁକ୍ତାଙ୍କୁ ଚୟନ କରାଯାଇଥିବା ଉଲ୍ଲେଖ ରହିଛି। ସେହିପରି ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟା ସଦସ୍ୟ ରୂପେ କିଶୋର ଚନ୍ଦ୍ର ମହାରଣା, କୁଞ୍ଜଲତା ପ୍ରଧାନ, ବିଦ୍ୟୁତ୍ ଭୂଷଣ ବେହେରା, ମନୋଜ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଥିବା ଜଣାପଡିଛି।

### ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୯ ମାମଲା ଫଇସଲା

କୁଦୁମୁଲୁଗୁମ୍ମା, ୧୩।୫(ଡି.ଏନ୍.ଏ.)- କୁଦୁମୁଲୁଗୁମ୍ମାସ୍ଥିତ ଅଦାଲତ ପ୍ରକୋଷ୍ଠରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମାଜିଷ୍ଟ୍ରେଟ ସୁମନ୍ତ ପଟ୍ଟନାୟକ ଉପସ୍ଥିତ ରହି ମାମଲାଗୁଡ଼ିକର ଫଇସଲା କରିଥିଲେ। ସରକାରୀ ଓକିଲ ସରୋଜ ସାହୁ, ଓକିଲ ବିଷ୍ଣୁ ଚରଣ ନାଲା, ଜୟଦେବ ପାତ୍ର, ସୁନୀତା ଦାସ, ମୁଖ୍ୟ କିରାଣି ବୃନ୍ଦାବନ ପଣ୍ଡା, କନିଷ୍ଠ କିରାଣି ସଂଗ୍ରାମ କେଶରୀ ମହାରଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଲୋକ ଅଦାଲତରେ ମୋଟ ୩୯ଟି ମାମଲା ଫଇସଲା ହୋଇଛି। ଜରିମାନା ବାବଦରେ ୨୭ ଶହ ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି।

### ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୩।୫ (ନି.ପ୍ର.)-ଦୀର୍ଘଦିନ ଧରି ଫେରାରଥିବା ୨ଜଣ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ସେମାନେ ସଦର ଥାନା ଅନ୍ତର୍ଗତ ଗରୁଡ଼ଗୁଡା ଗ୍ରାମର ଧନୁର୍ଜୟ ହରିଜନ (୪୮) ଓ ସଭାପତି ହରିଜନ (୪୫)। ଉଭୟଙ୍କ ନାମରେ ୨୦୧୫ରୁ ସଦର ଥାନାରେ ଏକ ଆପରାଧିକ ମାମଲା ରହିଥିଲା। ସେବେଠାରୁ ଉଭୟେ ଫେରାର ଥିଲେ। ଶନିବାର ଧନୁର୍ଜୟ ଓ ସଭାପତି ଗରୁଡ଼ଗୁଡ଼ାରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଜୟପୁର, ୧୩।୫(ନି.ପ୍ର.)-ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ ଲୋକନାଥ ଚୌଧୁରୀଙ୍କ ସ୍ମୃତିରେ ଏକ ସ୍ମୃତିସଭା ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅନ୍ୟତମ ଅତିଥି ରୂପେ ଯୋଗଦେଇଥିବା ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତି ସ୍ୱର୍ଗତ ଚୌଧୁରୀଙ୍କ ସ୍ମୃତିଚାରଣ କରି କହିଲେ, ଲୋକନାଥ ବାବୁ କେବଳ ଜଗତସିଂହପୁର କିମ୍ବା ଉପକୂଳ ଅଞ୍ଚଳର ଜନ ସମସ୍ୟା ନେଇ ଲଢୁ ନ ଥିଲେ, ସେ ସମଗ୍ର ରାଜ୍ୟର ଲୋକଙ୍କ ପାଇଁ ବିଧାନସଭା, ସଂସଦ ଓ ବାହାରେ ମଧ୍ୟ ନିଜ ସ୍ୱରକୁ ସର୍ବଦା ଶାଣିତ କରିଛନ୍ତି। ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲା ଜନ ସମସ୍ୟା ନେଇ ସେ ସଂସଦରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ପାଇଁ ଏକ ସଂସଦୀୟ ଦଳ ଉପରୋକ୍ତ ୩ ଜିଲାକୁ ଆସି ରିପୋର୍ଟ ନେଲେ। ଏହାକୁ ଭିତ୍ତିକରି ପରବର୍ତ୍ତୀ ସମୟରେ କେବିକେ ପ୍ରକଳ୍ପ ଘୋଷିତ ହେଲା ବୋଲି ମହାନ୍ତି କହିଥିଲେ।

# ବାହାର ଚକାଚକ୍, ଭିତର ଶ୍ରେଣୀଗୃହ ନେଇ କାହାର ଚିନ୍ତା ନାହିଁ

- ୫-ଟି ରୂପାନ୍ତରିତ ନେତାଜୀ ଉଚ୍ଚ ବିଦ୍ୟାଳୟ
- ବିପଦସଙ୍କୁଳ ଅବସ୍ଥାରେ ୪୭୫ ଛାତ୍ରୀଛାତ୍ର କରୁଛନ୍ତି ଅଧ୍ୟୟନ
- ବହୁ ଉଚ୍ଚସ୍ତରୀୟ ଅଧିକାରୀ ଗସ୍ତକରି ରହିଛନ୍ତି ନୀରବ
- ଜିଲା ସ୍ତରରୁ ନିର୍ଦ୍ଦେଶ ମିଳିଲେ ପଦକ୍ଷେପ ନେବୁ: ବିଡିଓ



ବିଦ୍ୟାଳୟ


ବିଦ୍ୟାଳୟର ପୁରୁଣା ଶ୍ରେଣୀଗୃହ।

ନନ୍ଦପୁର, ୧୩।୫ ( ଡି.ଏନ୍.ଏ.)

ନନ୍ଦପୁର ବ୍ଲକ ଥିବା ପଞ୍ଚାୟତରେ ରହିଛି ନେତାଜୀ ଉଚ୍ଚ ବିଦ୍ୟାଳୟ। କୋରାପୁଟ ଜିଲାର ଏକ ଆଦର୍ଶ ବିଦ୍ୟାଳୟ ରୂପେ ଏହାର ପରିଚିତି ରହିଛି। ୫-ଟିରେ ରୂପାନ୍ତରିତ ହୋଇଥିବା ଏହି ବିଦ୍ୟାଳୟ ପ୍ରବେଶ ପଥ ବେଶ୍ ଆଖିଦୃଶିଆ ହୋଇଥିବା ବେଳେ ଭିତରେ ଶ୍ରେଣୀଗୃହଗୁଡ଼ିକର ଅବସ୍ଥା ବିପଦସଙ୍କୁଳ ହୋଇପଡିଛି। ଏନେଇ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି।

୧୯୯୨ରେ ପ୍ରତିଷ୍ଠିତ ଏହିବିଦ୍ୟାଳୟର ଆଜବେଷ୍ଟସ୍ ଛପର ଶ୍ରେଣୀଗୃହଗୁଡ଼ିକର ଆଜବେଷ୍ଟସ୍‌ଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଛପରକୁ ଧରି ରଖିଥିବା କାଠଗୁଡ଼ିକ ଉଇଖାଇ ନଷ୍ଟ ହେଲାଣି। କାନ୍ଥରୁ ମାଟି ଖସୁଛି। ବିଭିନ୍ନ ସମୟରେ ଥିବା ପଞ୍ଚାୟତ ପ୍ରଶାସନ, ବ୍ଲକ ପ୍ରଶାସନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ ଓ ଜିଲା ଶିକ୍ଷାଧିକାରୀ, ଜିଲା ପରିଷଦ ପ୍ରତିନିଧି, ଜିଲାପାଳ ବିଦ୍ୟାଳୟକୁ ପରିଦର୍ଶନରେ ଆସି ଶ୍ରେଣୀଗୃହଗୁଡ଼ିକର ଅବସ୍ଥା ଦେଖି ଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ଏସ୍ଏମ୍‌ସି ସଭାପତି ଜୟସନ୍ ଖିଲ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମେଶ୍ୱର ଦୋରା କହିଛନ୍ତି। ବର୍ତ୍ତମାନ ଏହି ବିଦ୍ୟାଳୟରେ ୪୭୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଅଷ୍ଟମ ଶ୍ରେଣୀରେ ୧୧୮, ନବମ ଶ୍ରେଣୀରେ ୧୯୫ ଓ ଦଶମ ଶ୍ରେଣୀରେ ୧୬୨ ଛାତ୍ରୀଛାତ୍ର ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩୩୦ ଆଦିବାସୀ ବର୍ଗର। ୫-ଟି ରୂପାନ୍ତରିତ ବ୍ୟବସ୍ଥାରେ ୩୮ଲକ୍ଷ ଟଙ୍କା ବ୍ୟୟ କରାଯାଇ ବିଦ୍ୟାଳୟର ଥିବା ତିନି ଛାତଘରକୁ ଇ-ଲାଇବ୍ରେରି, ବିଜ୍ଞାନାଗାର, କମ୍ପ୍ୟୁଟର କକ୍ଷ ଓ ସ୍ମାର୍ଟ ଶ୍ରେଣୀଗୃହରେ ପରିଣତ କରାଯାଇଛି। କାନ୍ଥବାଡ଼ ଚିତ୍ରଣ କରାଯାଇ ଆକର୍ଷଣୀୟ କରାଯାଇଛି। ମାତ୍ର ୪୭୫ ଛାତ୍ରୀଛାତ୍ରଙ୍କୁ ଯେଉଁ ୫ଟି ଶ୍ରେଣୀଗୃହରେ ଶିକ୍ଷାଦାନ କରାଯାଉଛି ସେଗୁଡ଼ିକର କୌଣସି ଉନ୍ନତି କରାଯାଇନାହିଁ। ତୁରନ୍ତ ଖରାଛୁଟି ଶେଷ ହେବା ପୂର୍ବରୁ ପ୍ରଥମେ ଉକ୍ତ ପୁରୁଣା ଶ୍ରେଣୀଗୃହଗୁଡ଼ିକର ମରାମତି କରିବା ସହ ନୂତନ ବହୁତଳ ବିଶିଷ୍ଟ ଶ୍ରେଣୀଗୃହ ନିର୍ମାଣ କରିବାକୁ ଉଭୟ ସଭାପତି ଦାବି କରିଛନ୍ତି। ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟିଦେବାକୁ ବିଦ୍ୟାଳୟ ପ୍ରତିଷ୍ଠାତା ଶେଖ୍ ଗଫୁର ଓ ଅଭିରାମ ଜେନା ମଧ୍ୟ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗଦିଶ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଶ୍ରେଣୀଗୃହଗୁଡ଼ିକର ବିପଦସଙ୍କୁଳ ଅବସ୍ଥା ସମ୍ପର୍କରେ ବ୍ଲକରୁ ଜିଲାସ୍ତର ପର୍ଯ୍ୟନ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ବିଡିଓ ସୁଜିତ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, କିଛିଦିନ ତଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସାଲୱାରଙ୍କ ସହ ସମ୍ପୃକ୍ତ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ଶ୍ରେଣୀଗୃହଗୁଡ଼ିକର ସ୍ଥିତି ପରଖିଥିଲୁ। ଜିଲାସ୍ତରରୁ ମରାମତି କିମ୍ବା ନୂତନ ନିର୍ମାଣ ନେଇ ନିର୍ଦ୍ଦେଶ ଆସିନାହିଁ। ପାଣ୍ଠି ମଞ୍ଜୁର ଓ ଅଟକଳ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ମିଳିଲେ କାର୍ଯ୍ୟକାରୀ କରାଯିବ ବୋଲ ମିଶ୍ର କହିଛନ୍ତି।

# ନାଲ୍‌କୋ ଡେପୁଟି ମ୍ୟାନେଜର କହି ଓଏଏସ୍ ଯୁବତୀଙ୍କୁ ବିବାହ

ଜୟପୁର, ୧୩।୫ (ନି.ପ୍ର.)

ମିଛ ପରିଚୟ ଦେଇ ଜଣେ ଯୁବକ ଜଣେ ଯୁବତୀଙ୍କୁ ବିବାହ କରିବା ଏବେ ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ନାଲ୍‌କୋର ଡେପୁଟି ମ୍ୟାନେଜର କହି ସେ ସମ୍ପୃକ୍ତା ଓଏଏସ୍ ପ୍ରାପ୍ତ ଯୁବତୀଙ୍କୁ ବିବାହ କରିଥିଲେ। ତେବେ ଏହା ମିଛ ବୋଲି ଜଣାପଡ଼ିବା ପରେ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡିଛି, ଓଏଏସ୍ ପ୍ରାପ୍ତ ଯୁବତୀ ଜଣକ ହେଉଛନ୍ତି ଜୟପୁର ବ୍ଲକ ଶ୍ରୀରାମନଗରର ରିତୁ ସିଂ। ସେ ଟ୍ରେନିଂ ରିଜର୍ଭ ଅଫିସର ଭାବେ ଜୟପୁର ବ୍ଲକରେ ଅଛନ୍ତି। ଜୟପୁର ଲିଙ୍ଗରାଜନଗରର ହରିହର ରଥ ନାମକ ଯୁବକ ନିଜକୁ ଦିଲ୍ଲୀରେ ନାଲ୍‌କୋରେ ଡେପୁଟି ମ୍ୟାନେଜର ଥିବା ପରିଚୟ ଦେଇ ଗତ ଫେବୃୟାରୀ ୯ରେ ତାଙ୍କୁ ବିବାହ କରିଥିଲେ। ବିବାହର

**ଥାନାରେ ଏତଲା, ତଦନ୍ତ ଆରମ୍ଭ**

୩ ମାସ ପରେ ରିତୁ ଏହା ଜାଣିବା ପରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀ ହରିହର କରିଥିବା ଚାକିରି ସମ୍ପର୍କରେ କୌଣସି ପରିଚୟପତ୍ର ତାଙ୍କୁ ଦେଖାଉ ନ ଥିବାରୁ ରିତୁଙ୍କର ତାଙ୍କ ପ୍ରତି ସନ୍ଦେହ ହୋଇଥିଲା। ଏ ବିଷୟ ଉଠାଇଲେ ଶାଶୁଘରର ରଞ୍ଜନା ତ୍ରିପାଠୀ, ରୁଦ୍ରନାଥ ରଥ, ସାଗରିକା ଆଚାର୍ଯ୍ୟ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶେଷରେ ରିତୁ ହରିହରଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଏଥିରେ ତାଙ୍କ ସହ ତାଙ୍କ ବାପଘର ପ୍ରତି ବିପଦ ରହିଥିବା ସେ ଉଲ୍ଲେଖ କରିଛନ୍ତି। କେସ୍ ନଂ. ୧୪୧/୨୩ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସମ୍ପିତ ବେହେରା କହିଛନ୍ତି।

# ‘ଏକବିଂଶ ଶତାବ୍ଦୀର ପରିସଂଖ୍ୟାନ: ନୂତନ ଆହ୍ୱାନ, ସୁଯୋଗ’ ଶୀର୍ଷକ ଆଲୋଚନା


ଆଲୋଚନାଚକ୍ରରେ ଭାଗ ନେଇଥିବା ଅତିଥି ଓ ଅନ୍ୟମାନେ ।

କୋରାପୁଟ, ୧୩।୫(ସ୍ୱ.ପ୍ର.)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ଆନୁକୁଲ୍ୟରେ ‘ଏକବିଂଶ ଶତାବ୍ଦୀର ପରିସଂଖ୍ୟାନ: ନୂତନ ଆହ୍ୱାନ ଓ ସୁଯୋଗ’ ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ଆଲୋଚନା ଶୁକ୍ରବାର ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଧାନ ଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର ଅନୁପ ମଜୁମଦାର ଓ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ମହେଶ ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରି ଏହି ଆଲୋଚନାଚକ୍ରର ବୈଶିଷ୍ଟ୍ୟରୁ ଛାତ୍ରୀଛାତ୍ରମାନେ ଅନେକ କିଛି ଶିକ୍ଷା କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଉପଦେଷ୍ଟା (ଏକାଡେମିକ୍ ଆଣ୍ଡ ଆଡ୍ମିନିଷ୍ଟ୍ରେସନ୍) ପ୍ରଫେସର ଶୁଧେନ୍ଦୁ ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତର

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

ପରିସଂଖ୍ୟାନର ଇତିହାସ ସମ୍ପର୍କରେ ଆଲେଶକପାତ କରିଥିଲେ । ଅର୍ଥନୀତିର ସହକାରୀ ପ୍ରଫେସର ବିଶ୍ୱଜିତ ଭୋଇ ସ୍ୱାଗତ ସୂଚନା ଦେଇଥିଲେ। ପ୍ରଫେସର ମଜୁମଦାର ବିଭିନ୍ନ ବିକଳ୍ପର ମାନ୍ୟତା ପାଇଁ ଏକାଧିକ ମାନଦଣ୍ଡ ନିଷ୍ପତ୍ତି ଗ୍ରହଣ ସମ୍ପର୍କିତ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିସଂଖ୍ୟାନରେ ଆପ୍ଲିକେସନ୍ ବ୍ୟବହାର କରିବାର ବିଭିନ୍ନ ପଦ୍ଧତି ଏବଂ ପଦ୍ଧତି ଉପରେ ସେ ଆଲୋକପାତ କରିଥିଲେ। ଡ. ପଣ୍ଡା ବକ୍ତୃତାର ଶୀର୍ଷକ ଉପରେ ଏକ ମୌଳିକ ଓ ସୂଚନାପୂର୍ଣ୍ଣ ମତ ରଖିଥିଲେ। ଏହି ଅବସରରେ ଭାଷା ସମୂହ ବିଦ୍ୟାପୀଠର ଡିନ୍ ପ୍ରଫେସର ଏନ୍‌ସି ପଣ୍ଡା, ଅଧ୍ୟାପକ ଡ. ସୁମନ ଦାଶ, ଡ. ବିଦ୍ୟାଧର ବିଶି, ଡ. ସୁବାସ ପଟ୍ଟନାୟକ, ଡ. ବୀରେନ୍ଦ୍ର ଷଡ଼ଙ୍ଗୀ ଓ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଗବେଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ସ୍ତ୍ରୀ ସମ୍ମୁଖରେ ବିଷ ପିଇ ଆତ୍ମହତ୍ୟାକଲେ ସ୍ୱାମୀ

ପଡ଼ିଆ, ୧୩।୫(ଡି.ଏନ୍.ଏ.)

**ଚଇତି ପରବରେ ଗଣ୍ଡଗୋଳ**

ମାଲକାନଗିରି ଜିଲା ପଡ଼ିଆ ଥାନା କାଲଧାପଲି ପଞ୍ଚାୟତ ଅନ୍ତର୍ଗତ କଲାଗୋଣ୍ଡା ଗ୍ରାମରେ ଜଣେ ଯୁବକ ଶୁକ୍ରବାର ରାତିରେ ସ୍ତ୍ରୀଙ୍କ ସମ୍ମୁଖରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ଲକ୍ଷ୍ମଣ କୁମ୍ଭାରଙ୍କ ପୁଅ କୃଷ୍ଣ (୨୧)। ଚଇତିଯାତ୍ରା ପଡ଼ିଆରେ ଗ୍ରାମର ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳରୁ ଶେଷରେ ଏପରି ପରିସ୍ଥିତି ଉପୁଜିଛି।

ଖବରରୁ ଜଣାପଡ଼ିଛି, ଏହି ଗ୍ରାମରେ କିଛିଦିନ ହେଲା ଚଇତି ପରବ ସହ ନାଚଗୀତ ଆସର ଚାଲିଥିଲା । ଏହି ସମୟରେ କୌଣସି କାରଣକୁ ନେଇ ଗ୍ରାମର ବୁଦ୍ଧୁ କୁମ୍ଭାର ଏବଂ କୃଷ୍ଣଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟେ ଉଭୟଙ୍କୁ ମାଡ଼ ମାରିଥିଲେ। କୃଷ୍ଣ ସେଠାରୁ ଘରକୁ ଫେରି ସ୍ତ୍ରୀଙ୍କୁ ସବୁକଥା କହିଥିଲେ। ବୁଦ୍ଧୁ ମାରିଥିବାରୁ ମୋତେ ଅପମାନ ଲାଗିଲା। ଏତେ ଲୋକଙ୍କ ଆଗରେ ମୁଁ ଅପମାନିତ ହୋଇଛି। ମୁଁ ଆଉ ବଞ୍ଚିବି ନାହିଁ କହି ଘରେ ଥିବା କୀଟନାଶକ ସ୍ତ୍ରୀଙ୍କ ସମ୍ମୁଖରେ କୃଷ୍ଣ ଖାଇଦେଇଥିଲେ। ସ୍ତ୍ରୀ କୃଷ୍ଣଙ୍କୁ ଅଟକାଇବା ପାଇଁ ଚେଷ୍ଟାକରି ବିଫଳ ହୋଇଥିଲେ । ବିଷ ପିଇ କୃଷ୍ଣ ପୁନର୍ବାର ସେହି ସ୍ଥାନକୁ ଯାଉଥିବା ବେଳେ ରାସ୍ତାରେ ପଡ଼ି ମୃତ୍ୟୁବରଣ କରିଥିଲେ। ଖବର ପାଇ ଥାନା ଅଧିକାରୀ ଅଶୋକ ବିଶୋୟୀ ଗ୍ରାମରେ ପହଞ୍ଚି ମୃତଦେହ ଜବତକରି କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। କେସ୍ ନଂ. ୬୩/୨୩ରେ ଏକ ମାମଲା ରୁଜୁ ହୋଇଛି। ବୁଦ୍ଧୁ କୁମ୍ଭାରଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କରାଯାଉଛି । ଏହି ମାମଲାର ତଦନ୍ତ ଏସ୍ଆଇ ରାଜକୁମାର ଶବର କରୁଥିବା ଥାନା ଅଧିକାରୀ ବିଶୋୟୀ କହିଛନ୍ତି।

# ମିଶନ ଶକ୍ତି ସଭାନେତ୍ରୀଙ୍କୁ ଜିଲାପାଳଙ୍କ ଶୁଭେଚ୍ଛା

## ଦୁବାଇ ଯିବେ ସଭାନେତ୍ରୀ ଜ୍ୟୋତିରେଖା

କୋରାପୁଟ, ୧୩।୫(ସ୍ୱ.ପ୍ର.)

ଓଡ଼ିଶା ସରକାର ଦୁବାଇ ସହ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ସମ୍ପର୍କ ଯୋଡ଼ିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ୧୬ ତାରିଖରେ ଦୁବାଇରେ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଯୋଗଦେବାକୁ କୋରାପୁଟ ମିଶନ ଶକ୍ତିର ଜିଲା ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟୀ ମନୋନୀତ ହୋଇଛନ୍ତି। ସେ ଦୁବାଇ ଗସ୍ତ କରିବେ। ଏହି ଅବସରରେ ଜିଲାପାଳ ଅବଦାଲ୍ ଏମ୍. ଅଖତର, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଜ୍ୟୋତିରେଖାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଜିଲା ମିଶନ ଶକ୍ତି କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ର, ବିଭିନ୍ନ ବ୍ଲକରୁ ଆସିଥିବା କାର୍ଯ୍ୟକାରୀ ସଦସ୍ୟା, କର୍ମଚାରୀ ଉମେଶ ଶବର, ସାଇ ପ୍ରସାଦ ଚୌଧରୀ, ସାରଙ୍ଗଧର ଶବର,ପବିତ୍ର ପଟ୍ଟନାୟକ ପ୍ରମୁଖ ଜ୍ୟୋତିରେଖାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ୧୬ରେ ଦୁବାଇରେ ହେବାକୁ ଥିବା ଏହି ସମାରୋହରେ ରାଜ୍ୟର ମିଶନ ଶକ୍ତି, ମହିଳା କ୍ରୀଡ଼ାବିତ,ଛାତ୍ରୀ ଓ ବିଭିନ୍ନ ବର୍ଗର ବ୍ୟକ୍ତି ଦୁବାଇ ଯିବେ। ୧୫ତାରିଖରେ ଭୁବନେଶ୍ୱର-ଦୁବାଇକୁ ସିଧା ବିମାନ ସେବା ଆରମ୍ଭ ହେବ। ଏହାର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ ବୋଲି ଜଣାପଡ଼ିଛି। ମିଶନ ଶକ୍ତି ମା’ମାନଙ୍କୁ ବିଦେଶ ଭ୍ରମଣର ସୁଯୋଗ ଦେଇଥିବାରୁ ଜ୍ୟୋତିରେଖା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମିଶନ ଶକ୍ତି ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବ ସୁଜାତା ଆର୍. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସ୍ୱାଭିମାନ ଅଞ୍ଚଳରେ କ୍ରିକେଟ ଟୁର୍ନାମେଣ୍ଟ: ଜନ୍ତୁରାଇ ଟିମ୍ ବିଜୟୀ


ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ଚିତ୍ରକୋଣ୍ଡା, ୧୩।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତରେ ଶନିବାର ଏକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳ ମୁଖ୍ୟଅତିଥି ରୂପେ ଏହାକୁ ଉଦ୍‌ଘାଟନ କରିଥିଲେ। ଯୋଡାମ୍ବବାସୀଙ୍କ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ସମ୍ମାନିତ ଅତିଥିଭାବେ ସମାଜିକ କର୍ମୀ ଜୟରାମ ଗୁନା ଓ ଯୋଡ଼ାମ୍ବ ଥାନା ଅଧିକାରୀ ସଞ୍ଜୟ ପାଡ଼ାସେଠି ଉପସ୍ଥିତ ଥିଲେ । ଟୁର୍ନାମେଣ୍ଟରେ ସ୍ୱାଭିମାନ ଅଞ୍ଚଳର ୧୬ଟି ଟିମ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଜନ୍ତୁରାଇ ଓ ସିନ୍ଦିପୁଟ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା । ସିନ୍ଦିପୁଟକୁ ହରାଇ ଜନ୍ତୁରାଇ ଟିମ୍ ବିଜୟୀ ହୋଇଥିଲା। ସ୍ୱାଭିମାନ ଅଞ୍ଚଳରେ ପ୍ରଥମଥର ଏଭଳି କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ହୋଇଥିବାରୁ ଯୋଡ଼ାମ୍ବ ପଞ୍ଚାୟତର ଝିଅମାନେ ଢେମସା, ସମ୍ବଲପୁରୀ ନୃତ୍ୟ ଗୀତରେ ଏହାକୁ ସ୍ୱାଗତ କରିଥିଲେ। ଆସନ୍ତା ୧୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଭୋଟର ତାଲିକାରେ ତ୍ରୁଟି, ସଂଶୋଧନ କରିବାକୁ ଦାବି

ଚିତ୍ରକୋଣ୍ଡା, ୧୩।୫(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତ୍ରକୋଣ୍ଡା ପଞ୍ଚାୟତର ବହୁ ଜନସାଧାରଣଙ୍କ ଦୀର୍ଘ ଦିନ ହେଲା ଭୋଟର ତାଲିକାରେ ନାଁ ଥିଲେ ମଧ୍ୟ ଏଯାଏ ସେମାନଙ୍କ ନିକଟରେ ଭୋଟ ପରିଚୟ ପତ୍ର ନାହିଁ। ଫଳରେ ବିଭିନ୍ନ ସମୟରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇତି ମଧ୍ୟରେ ୨/୩ଟି ନିର୍ବାଚନ ସରିଛି। ତେବେ ଭୋଟର ତାଲିକାରେ ଯେଉଁମାନଙ୍କ ନାଁ ଅଛି ସେହି ତାଲିକାରେ ଅନେକ ତ୍ରୁଟି ରହିଥିବା ଦେଖିବାକୁ ମିଳୁଛି। ଏନେଇ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ସେହିପରି ଗତ ପଞ୍ଚାୟତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ

**ତାଲିକାରେ ନାଁ ଥାଇ ଏଯାଏ ଅନେକ ପାଇନାହାନ୍ତି ଭୋଟର କାର୍ଡ**

ମଧ୍ୟ ଭୋଟର ତାଲିକାରେ ବହୁତ ତ୍ରୁଟି ଦେଖିବାକୁ ମିଳିଥିଲା। ପଞ୍ଚାୟତଗୁଡ଼ିକର ୱାର୍ଡ ନମ୍ବର ବଦଳିଯାଇଥିବା ବେଳେ ଜଣେ ଲୋକଙ୍କ ନାମ ଅନ୍ୟ ଏକ ୱାର୍ଡ ରହିଥିଲା। କେତେକ ଲୋକଙ୍କ ନାମ ମଧ୍ୟ ଭୋଟର ତାଲିକାରେ ଆଦୌ ନ ଥିବା ଦେଖିବାକୁ ମିଳିଥିଲା । ଫଳରେ ସେମାନେ ଭୋଟ ଦେବାରୁ ବଞ୍ଚିତ ହୋଇଥିଲେ । ଜିଲା ତଥା ବ୍ଲକ ପ୍ରଶାସନ ଏହି ତ୍ରୁଟିକୁ ସଂଶୋଧନ କରି ଅଞ୍ଚଳର ସମସ୍ତ ପ୍ରାପ୍ତ ବୟସ୍କଙ୍କୁ ଭୋଟର ତାଲିକାରେ ସାମିଲ କରିବାକୁ ଦାବି ହେଉଛି।

# ହତ୍ୟାକାରୀଙ୍କୁ ପାତ୍ରପୁଟରୁ ଗିରଫ କଲା ପୋଲିସ

ନନ୍ଦପୁର, ୧୩।୫ (ଡି.ଏନ.ଏ.)

**କୋଲାବ ଜଳଭଣ୍ଡାରରୁ ଯୁବତୀଙ୍କ ମୃତଦେହ ଜବତ ଘଟଣା**

କୋରାପୁଟ ବ୍ଲକ ବଡକେରେଙ୍ଗା ପଞ୍ଚାୟତର ଗଞ୍ଜେଇପଦର ନିକଟସ୍ଥ କୋଲାବ ଜଳଭଣ୍ଡାରରୁ ଜଣେ ଅଜଣା ଯୁବତୀଙ୍କ ମୃତଦେହ ଗତ ୬ ତାରିଖରେ ଜବତ ହୋଇଥିଲା। ଏନେଇ ଯୁବତୀଙ୍କ ବାପା ନନ୍ଦ ହରିଜନ ଥାନାରେ ଅଭିଯୋଗ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (୪୧/୨୩)ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶନିବାର ଜୟପୁର ପାତ୍ରପୁଟ ଅଞ୍ଚଳରୁ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜୟପୁର ପାତ୍ରପୁଟ ଗ୍ରାମର ଗୁରୁ ପାଙ୍ଗି ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ପଚରାଉଚରା ବେଳେ ଗୁରୁ ସମ୍ପୃକ୍ତା ଯୁବତୀ ଗୌରୀଙ୍କୁ ନିଜେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ରାଜମିସ୍ତ୍ରି ଓ ଶ୍ରମିକ ଭାବେ ଉଭୟେ କାମ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗୌରୀ ତାଙ୍କୁ ବିବାହ କରିବାକୁ ବାଧ୍ୟ କରିବାରୁ ସେ ତାଙ୍କୁ ଏକ ଧାରୁଆ ପଥରରେ ମୁଣ୍ଡକୁ ଛେଚି ପରେ ତଣ୍ଟିଚିପି ହତ୍ୟା କରିଥିବା ଗୁରୁ କହିଛନ୍ତି। ସେ ମରିଯାଇଥିବା ନିଶ୍ଚିତ ହେବା ପରେ ସେଠାରୁ ୨୦୦ ମିଟର ଦୂର ଘୋଷାଡି ନେଇ ତାଙ୍କ ମୃତଦେହ କୋଲାବ ଜଳଭଣ୍ଡାରରେ ଫୋପାଡି ଚାଲି ଆସିଥିଲେ। ଶନିବାର ଏହି ଘଟଣାରେ ପୋଲିସ କୋଲାବ ଜଳଭଣ୍ଡାର ନିକଟରେ ସିନ ରିକ୍ରିଏସନ କରିଛି। ହତ୍ୟାରେ ବ୍ୟବହୃତ ପଥର, ବାଇକ, ମୋବାଇଲ ଫୋନ, ଚଷମା, ଗୁରୁଙ୍କ ରକ୍ତ ଜୁଡୁବୁଡୁ ବସ୍ତ୍ର ଆଦି ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ଏସଡିପିଓ ମହାପାତ୍ରଙ୍କ ସହ ନନ୍ଦପୁର ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି ।

# କାମରେ ଲାଗୁନି କମ୍ପୋଷ୍ଟ ଶେଡ୍

**ଗ୍ରାମଠାରୁ ୨ କି.ମି. ଦୂରରେ ହୋଇଛି ନିର୍ମାଣ**

ପଟ୍ଟାଙ୍ଗି, ୧୩।୫(ଡି.ଏନ.ଏ.)

ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କିପରି ଦୁରୁପଯୋଗ ହୋଇ ବାଟମାରଣା ହେଉଛି ତା’ର ଏକ ନଜିର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ଚନ୍ଦକା ପଞ୍ଚାୟତ ଗୁଗାଗୁଡ଼ା ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମିତ ହୋଇଥିବା କମ୍ପୋଷ୍ଟ ସେଡ୍ ଏବେ କୌଣସି କାର୍ଯ୍ୟରେ ନ ଲାଗି ପଡ଼ି ପଡ଼ି ନଷ୍ଟ ହେଉଥିବା ଜଣାପଡ଼ିଛି। ଗ୍ରାମରେ ଗୋରୁ ପାଳନ କରିଥିବା ପରିବାର କିପରି ନିଜେ ରଖିଥିବା ଗାଈର ଗୋବର ସୁରକ୍ଷିତ ଭାବେ ରଖି ସେଥିରୁ ଖତ ପ୍ରସ୍ତୁତ କରି ଚାଷଜମିରେ ଜୈବିକ ଖତ ରୂପେ ବ୍ୟବହାର କରିବେ ଏବଂ ରୋଜଗାରକ୍ଷମ ହୋଇପାରିବେ ଏହାକୁ ଦୃଷ୍ଟିରେ ରଖି ଉକ୍ତ କମ୍ପୋଷ୍ଟ ସେଡ୍ ନିର୍ମାଣ ହୋଇଥିଲା। ତେବେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ସହଯୋଗରେ ନିର୍ମିତ ଏହି କମ୍ପୋଷ୍ଟ ସେଡ୍‌ଗୁଡକ ଗ୍ରାମରେ ନିର୍ମାଣ କରା ନ ଯାଇ ଗ୍ରାମଠାରୁ ୨କି.ମି. ଦୂର ରାସ୍ତାକଡ଼ରେ ନିର୍ମାଣ କରାଯାଇଛି। ଏଥିପାଇଁ ୫୦ ହଜାର ଟଙ୍କା ବ୍ୟୟ ହୋଇଥିଲା। ରାଜୁଗୁଡ଼ା-ପୁକାଲି ଆର୍‌ଡି ରାସ୍ତାର ଗୁଗାଗୁଡ଼ା ଓ ଡେକାପଦର ଛକ ନିକଟରେ ନିର୍ମାଣ ହୋଇଥିବା ଏହି ସେଡ୍ ନିକଟରେ କୌଣସି ଗ୍ରାମ ନାହିଁ। ଫଳରେ ନିର୍ମିତ କମ୍ପୋଷ୍ଟ ସେଡ୍‌ଗୁଡ଼ିକ କାମରେ ଆସିବା ବଦଳରେ ଏଗୁଡ଼ିକ ନଷ୍ଟହେବାକୁ ବସିଲାଣି। ଜୈବିକ ଖତ ପ୍ରସ୍ତୁତ ହେଲେ କିପରି ସୁରକ୍ଷିତ ରହିବ ସେନେଇ ସେଡ୍ ଉପରେ ହୋଇଥିବା ଟିଣ ଛପରକୁ ଇତିମଧ୍ୟରେ କେହି କାଢି ନେଇଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ସରକାର ଯୋଜନା ପ୍ରସ୍ତୁତ କଲେ ମଧ୍ୟ ତାହା ଲୋକଙ୍କ କାମରେ ଲାଗୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବ୍ଲକର ଅନେକ ଗ୍ରାମରେ ଏପରି କମ୍ପୋଷ୍ଟ ସେଡ୍‌ଗୁଡ଼ିକ ବ୍ୟବହାର ନ ହୋଇ ପଡିରହିଛି।



ନିର୍ମିତ ହୋଇଥିବା କମ୍ପୋଷ୍ଟ ଶେଡ୍।

## ସଂକ୍ଷେପରେ

### ସୁଧାକୋଣ୍ଡା ଜଙ୍ଗଲରୁ ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି, ୧୩।୫(ଡି.ଏନ.ଏ.)- ମାଲକାନଗିରି ଜିଲା ସୁଧାକୋଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେଶନ ବେଳେ ଶନିବାର ବିଏସ୍‌ଏଫ୍ ଯବାନମାନେ ଗୋଟିଏ ବୋମା ଜବତ କରି ଏହାକୁ ନିଷ୍କ୍ରିୟ କରିଦେଇଛନ୍ତି। ଏଥିସହ ବହୁ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଏହି ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ମାଓବାଦୀ ସାମଗ୍ରୀ ଓ ବୋମା ଲୁଚାଇ ରଖାଯାଇଥିବା ଖବର ପାଇ ୧୪୨ ବାଟାଲିୟନର ବିଏସ୍‌ଏଫ୍ ଯବାନମାନେ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେଶନ କରିବା ପରେ ଏକ ପରିତ୍ୟକ୍ତ ସ୍ଥାନରେ ମାଓବାଦୀ ଲୁଚାଇ ରଖିଥିବା ସାମଗ୍ରୀର ସନ୍ଧାନ ପାଇଥିଲେ। ତୁରନ୍ତ ଯବାନ ମାନେ ସାମଗ୍ରୀଗୁଡିକ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ଇଲେକ୍ଟ୍ରିକ୍ ଡିଟୋନେଟର୍, ୨୦ଫୁଟ ଇଲେକ୍ଟ୍ରିକ୍ ତାର ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି। ସେଠାରୁ ମଧ୍ୟ ଯବାନମାନେ ଆଇଇଡି ବୋମା ଖଞ୍ଜା ଯାଇଥିବା ଏକ ଷ୍ଟିଲ୍ ଟିଫିନ୍ ପାଇଥିଲେ। ତୁରନ୍ତ ବୋମା ନିଷ୍କ୍ରିୟକାରୀ ଟିମ୍ ଉକ୍ତ ବୋମାକୁ ନିଷ୍କ୍ରିୟ କରି ଦେଇଥିଲେ।

### ୧୫ରେ ଦୁବାଇ ଯିବେ ମିଶନ ଶକ୍ତି ଜିଲା ସଭାନେତ୍ରୀ

ରାୟଗଡ଼ା ଅଫିସ, ୧୩।୫- ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ବିଦେଶ ପରିଭ୍ରମଣ କରାଉଛନ୍ତି। ଅନ୍ୟ ଦେଶର ଜ୍ଞାନ କୌଶଳକୁ ଶିକ୍ଷା ଲାଭ କରିବା ପାଇଁ ଦୁବାଇ ବୁଲି ଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୧୫ ତାରିଖରେ ରାଜ୍ୟର ମୋଟ ୧୦ ଜଣ ମହିଳା ଦୁବାଇ ଯିବେ। ଏହି ଗସ୍ତରେ ରାୟଗଡା ଜିଲାସ୍ତରୀୟ ମହାସଂଘ ସମ୍ପାଦିକା କୁମାରୀ ପାଲକା ମନୋନୀତ ହୋଇଛନ୍ତି। ଶୁକ୍ରବାର କୁମାରୀ ପାଲକାଙ୍କୁ ରାୟଗଡ଼ା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସିନୀ ବେହେରା, ପ୍ରକଳ୍ପ ଅଧିକାରୀ କାମାକ୍ଷୀ ମଞ୍ଜରୀ ପାଢ଼ୀ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ମଲ୍ଲିକ, ବ୍ଲକ ପ୍ରକଳ୍ପ ସଂଯୋଜକ ରାଜୀବ ପାଢ଼ୀ ଶୁଭେଚ୍ଛା ଜଣାଇଛନ୍ତି। ଦୁବାଇ ଗସ୍ତ ପାଇଁ ତାଙ୍କୁ ଚୟନ କରାଯାଇଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛି ବୋଲି କୁମାରୀ ପାଲକା କହିଛନ୍ତି।

### ମାଲକାନଗିରିର ହିମେଶ ଜିଲା ଟପ୍ପର ସିବିଏସ୍‌ଇ ଦଶମ ପରୀକ୍ଷା

ମାଲକାନଗିରି, ୧୩।୫ (ଡି.ଏନ.ଏ.) ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ମାଲକାନଗିରି ଜିଲାର ହିମେଶ ରଞ୍ଜନ ସିକଦାର ୯୭.୬ ପ୍ରତିଶତ ମାର୍କ ରଖି ରାଜ୍ୟରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ମାଲକାନଗିରି ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ହିମେଶ ମଧ ଜିଲା ଟପ୍‌ର ହୋଇଛନ୍ତି। ପୁଅର ଏଭଳି ସଫଳତାରେ ତାଙ୍କ ମାଆ ପଦ୍ମାବତୀ ସିକଦାର, ବାପା ସୁଧିର ରଞ୍ଜନ ସିକଦାର, ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକମାନେ ଖୁସି ପ୍ରକାଶ କରିଛନ୍ତି। ଲାଠିଆଗୁଡାଠାରେ ହିମେଶଙ୍କ ପରିବାର ରହନ୍ତି।



# ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାର ହେଲା ବିଭିନ୍ନ ମାମଲା

ମାଲକାନଗିରି, ୧୩।୫(ଡି.ଏନ.ଏ.)



ଚାଲିଥିବା ଲୋକ ଅଦାଲତ।

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶରେ ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ ଅଜନ୍ତା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଦେୱାନି ବିଚାରପତି ବିଜୟ ଦାସ, ରେଜିଷ୍ଟ୍ରାର ଅରୂପ ନାୟକ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ରାକେଶ ମୁଦୁଲି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ରୁଦ୍ର ପ୍ରକାଶ ନାୟକ ଓ ନ୍ୟାୟାଧିକାରୀ ଦେବେନ୍ଦ୍ର ନାଥ ବାଘ ପ୍ରମୁଖ ଉପସ୍ଥିତ ରହି ପୃଥକ ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ। ସେହିପରି ମୋଟୁ, କୁଡୁମୁଲୁଗୁମ୍ମା ଏବଂ ମାଥିଲିସ୍ଥିତ କୋର୍ଟରେ ମଧ ବିଭିନ୍ନ ମକଦ୍ଦମା ଫଇସଲା ହୋଇଥିଲା। ୩ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ବାବଦରେ ମୋଟ ୨୮ ଲକ୍ଷ ଟଙ୍କା ଦେବାକୁ ଧାର୍ଯ୍ୟ କରଯାଇଥିଲା। ସେହିପରି ୨୧୯୩ଟି ବିଭିନ୍ନ ମକଦ୍ଦମାର ଫଇସଲା କରାଯାଇଥିଲା। ଲୋକ ଅଦାଲତରେ ସଚିବ ରାକେଶ କୁମାର ମୁଦୁଲିଙ୍କ ଦ୍ୱାରା ୬ଟି ପ୍ରି ଲିଟିଗେସନ ମକଦ୍ଦମାର ଆପୋସ ବୁଝାମଣା ଜରିଆରେ ସମାଧାନ କରାଯାଇଥିଲା। ଅଦାଲତରେ ରାଜସ୍ୱ ବିଭାଗ ମିଳିତ ଭାବେ ମାଲକାନଗିରି ଜିଲାର ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ତହସିଲଦାର ଉପସ୍ଥିତ ରହି ୨୦୫୬ଟି ରାଜସ୍ୱ ମାମଲା ବିଚାର କରିଥିଲେ। ଜରିମାନା ବାବଦରେ ମୋଟ ୨ଲକ୍ଷ ୬୮ହଜାର ୪୫୦ ଟଙ୍କା ଆଦାୟ ହୋଇଥିଲା। ସେହିପରି ଜିଲା ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ୨୧ଟି ମାମଲ ବିଚାର ହୋଇ ମୋଟ ୧୨ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିପରି ଶ୍ରମ ଅଧିକାରୀଙ୍କ ଦ୍ୱାରା ୨ ଟି ମାମଲାର ହୋଇ ମୋଟ ୧୦୩୫୬୭ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବ୍ୟାଙ୍କ ମାଧ୍ୟମରେ ୨ଟି ଗାଡି ମାମଲା ବିଚାର ହୋଇ ୩୮୫୦୦୦ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଲୋକ ଅଦାଲତରେ ଆଇନଜୀବୀ, ସିଭିଲ କୋର୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଦୋକାନ କରି ସ୍ୱାବଲମ୍ବୀ ହୋଇଛନ୍ତି ଦିବ୍ୟାଙ୍ଗ ଝୁନୁ

ନବରଙ୍ଗପୁର, ୧୩।୫(ବି.ପ୍ର.)



ଦିବ୍ୟାଙ୍ଗ ହେଲେବି ସକ୍ଷମ। ଦୃଢ଼ ମନ ଓ ପରିଶ୍ରମ ବଞ୍ଚିବାର ରାହା ଦେଇଛି। ତେବେ ନବରଙ୍ଗପୁର ସତ୍ୟ ସାଇ ସେବା ସମିତିର କିଛି ଆର୍ଥିକ ସହାୟତା ଦିବ୍ୟାଙ୍ଗ ଝୁନୁ ଭତରାଙ୍କ ବ୍ୟବସାୟରେ ସହାୟକ ହୋଇପାରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସଦର ବ୍ଲକ ବଙ୍ଗାପାଲି ଗାଁରେ।

ନବରଙ୍ଗପୁର ବ୍ଲକ ପୂଜାରୀଗୁଡା ପଞ୍ଚାୟତ ଅଧୀନ ବଙ୍ଗାପାଲି ଗାଁର ସୁବର୍ଣ୍ଣ ଓ ନୀଳକଣ୍ଠ ଭତରା ଝିଅ ଝୁନୁ ଜନ୍ମରୁ ଦିବ୍ୟାଙ୍ଗ। ୨ଗୋଡ଼ ଠିକ୍ ନ ଥିବାରୁ ସେ ଭଲଭାବେ ଚାଲିବୁଲି ପାରନ୍ତି ନାହିଁ। ନବରଙ୍ଗପୁର ସତ୍ୟ ସାଇ ସେବା ସମିତିପକ୍ଷରୁ ୨୦୧୦ରେ ଝୁନୁଙ୍କୁ ୧୫ଶହ ଟଙ୍କା ସହାୟତା କରାଯାଇଛି। ନିଜର ଝୁପୁଡି କୁଡ଼ିଆରେ ଝୁନୁ ଦୋକାନଟିଏ ଆରମ୍ଭ କଲେ। ଧୀରେ ଧୀରେ ବ୍ୟବସାୟ ବଢ଼ିବା ପରେ ଏବେ ଅଧିକ ଦି ପଇସା ରୋଜଗାର କରିବାରେ ସକ୍ଷମ ହୋଇ ପାରିଛନ୍ତି। ଏହାପରେ ପ୍ରଶାସନ ପକ୍ଷରୁ ଟ୍ରାଇ ସାଇକଲ ଓ ଆଶା ବାଡ଼ି ମଧ୍ୟ ଯୋଗାଇ ଦିଆଯାଇଛି। ୭ ଶହ ଟଙ୍କା ଭତ୍ତା ଓ ଚାଉଳ ମଧ୍ୟ ମିଳୁଛି। ୭ ବର୍ଷ ତଳେ ରାମେଶ୍ୱର ଭତରାଙ୍କୁ ସେ ବିବାହ କରିଥିଲେ। ଏବେ ବେଶ୍ ଖୁସିରେ ତାଙ୍କ ସଂସାର ଚାଲିଛି। ସରକାର ସବୁ ସୁବିଧା ଯୋଗାଉଛନ୍ତି। ସ୍ୱଚ୍ଛ ଭାରତ ନାଁରେ ବ୍ୟାପକ ଅନୁଦାନ ଗାଁ ମାନଙ୍କରେ ଖର୍ଚ୍ଚ କରାଯାଉଛି। କିନ୍ତୁ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ କରାଇଲେ ବିଶେଷ ଉପକୃତ ହେବେ ବୋଲି ସେ କହିଛନ୍ତି। ପାଇଖାନା ଓ ପାଣି ସୁବିଧା ନଥିବାରୁ ଶୌଚ ପାଇଁ ବାହାରକୁ ଯିବା ଦୁଃଖର ବିଷୟ ବୋଲି ଝୁନୁ କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଦିବ୍ୟାଙ୍ଗ ପାଇଁ ଭଲ ହେବ। ସତ୍ୟ ସାଇ ସେବା ସମିତି ୧୫ ଶହ ଟଙ୍କା ଆର୍ଥିକ ସହାୟତା ଯୋଗାଇଥିଲେ। ସେମାନଙ୍କ ମାର୍ଗ ଦର୍ଶନ ଯୋଗୁ ଦୋକାନ ଟିଏ କରି ରୋଜଗାର କରିପାରୁଛି। ଦିବ୍ୟାଙ୍ଗ ଲୋକ ଆଉ ଅନ୍ୟ କିଛି କରିବା ସମ୍ଭବ ନଥିବାରୁ ଦୋକାନରେ ବସି ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରିଛି ବୋଲି ଝୁନୁ କହିଛନ୍ତି।

# ବିଦ୍ୟାଳୟ ୫-ଟି କାର୍ଯ୍ୟ ତଦାରଖ କଲେ ସରପଞ୍ଚ

ମାଥିଲି, ୧୩।୫(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ସାମିଲ ପରେ ସଜେଇ ହେଉଛି ମାଲକାନଗିରି ଜିଲା ମାଥିଲି ବ୍ଲକ ମେକା ପଞ୍ଚାୟତର କାଳିଆଗୁଡ଼ାଠାରେ ଥିବା ଅନୁସୂଚିତ ଜନଜାତି ଓ ଜାତି ବିଭାଗର ଉଚ୍ଚ ବିଦ୍ୟାଳୟ। ଡିଜିଟାଲ ଶ୍ରେଣୀଗୃହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ଶେଷ ହେବା ପରେ ସ୍ମାର୍ଟ ଶ୍ରେଣୀଗୃହରେ ପାଠ ପଢ଼ିବେ ଛାତ୍ରୀଛାତ୍ର। ମେକା ସରପଞ୍ଚ ରଞ୍ଜିତା ପୂଜାରୀ ସବୁ କାର୍ଯ୍ୟର ତଦାରଖ କରୁଛନ୍ତି। ଶନିବାର ସରପଞ୍ଚଙ୍କ ସହ ନିର୍ବାହୀଯନ୍ତ୍ରୀ ହୃଦରଞ୍ଜନ ବାଘ, କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସରକାର, ଗ୍ରାମ ରୋଜଗାର ସେବକ, ଗାଁ ସାଥୀ, ପଞ୍ଚାୟତ ମୁଖ୍ୟ ସଚେତକ ସଦାଶିବ ପୂଜାରୀ, ରାମକୃଷ୍ଣ ଅନୁଗୁଳିଆ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ କାର୍ଯ୍ୟ ତଦାରଖ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ବଳକା କାର୍ଯ୍ୟ ଶେଷ ହୋଇଯିବ ବୋଲି ସରପଞ୍ଚ ପୂଜାରୀ ସୂଚନା ଦେଇଛନ୍ତି।



ସ୍ମାର୍ଟ କ୍ଲାସ୍‌ରୁମ୍ ଅନୁଧ୍ୟାନ କରୁଛନ୍ତି ସରପଞ୍ଚ।

# ଗୁଳିକରି ଆଇନଜୀବୀଙ୍କୁ ହତ୍ୟା

ଗୁଣପୁର, ୧୩।୫ (ଡି.ଏନ୍.ଏ.)



ରାୟଗଡା ଜିଲା ଗୁଣପୁର ସହର ବଂଶଧାରା ନଦୀ ବ୍ରିଜ ଉପରେ ଶନିବାର ରାତିରେ ସାମାଜିକ କର୍ମୀ ତଥା ଆଇନଜୀବୀ ଗୌରିପ୍ରସାଦ ମିଶ୍ର(୫୬)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଘଟଣାରୁ ପ୍ରକାଶ ଯେ, ଗୌରୀ ତାଙ୍କର ୩/୪ଜଣ ସାଙ୍ଗଙ୍କ ସହ ବଂଶଧାରା ନଦୀ ବ୍ରିଜ ଉପରକୁ ବୁଲିବାକୁ ଯାଇଥିଲେ। ରାତି ପ୍ରାୟ ସାଢେ ୯ଟାରେ ସେମାନେ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଦୁଇ ଜଣ ବ୍ୟକ୍ତି ବାଇକରେ ଆସି ନିକଟରୁ ଗୌରୀଙ୍କ ମୁଣ୍ଡକୁ ଗୁଳି କରିଥିଲେ। କିଛି ବାଟ ଆଗରେ ଥିବା ଗୌରୀଙ୍କ ସାଙ୍ଗମାନେ ସେଠାରେ ପହଞ୍ଚିବା ବେଳକୁ ଦୁର୍ବୃତ୍ତମାନେ ପଳାଇଥିଲେ। ରକ୍ତ ଜୁବୁବୁବୁ ଅବସ୍ଥାରେ ଗୌରୀଙ୍କୁ ପୋଲିସ ଗାଡିରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ପ୍ରଦୀପ ପଣ୍ଡା ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଘଟଣା ଗୁଣପୁରରେ ପ୍ରଥମ। ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କଣ ପାଇଁ ଏବଂ କିଏ ଓ କେଉଁ ଉଦ୍ଦେଶ୍ୟରେ ତାଙ୍କର ହତ୍ୟା କରିଛି ତାହା ଏବେ ସ୍ପଷ୍ଟ ହୋଇନାହିଁ।

# ସିବିଏସ୍‌ଇ ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟର ଶତପ୍ରତିଶତ ସଫଳତା

କୋରାପୁଟ, ୧୩।୫(ସ୍ୱ.ପ୍ର.)



ହଡସନ୍ ଷ୍ଟିଫେନ ଟାକ୍ରି  ଗଜନୀ ଶୁଭଶ୍ରୀ

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳାଫଳ ପ୍ରକାଶ ପରେ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛ। ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଥିବା କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ୮୧ଜଣ ଛାତ୍ରୀଛାତ୍ର ଦେଇଥିଲେ। ସମସ୍ତ ୮୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୧ ଜଣ ଶତକଡ଼ା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୭୧ ଜଣ ଶତକଡ଼ା ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ପାସ କରିଛନ୍ତି। କୁମାରୀ ଶୀତିଲଗ୍ନା ଶତପଥୀ ମୋଟ ୫୦୦ ନମ୍ବରରୁ ୪୮୪ ନମ୍ବର (ଶତକଡ଼ା ୯୬.୮) ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଜଣାପଡିଛି। ବିସ୍ମୟ ବିଶ୍ୱାଳ ଓ ଶୁଭ୍ରାଂଶୁ ସାହୁ ୪୮୩ ନମ୍ବର (ଶତକଡ଼ା ୯୬.୬) ରଖି ଯୁଗ୍ମ ରୂପେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ପ୍ରାର୍ଥନା ଦାଶ ୪୭୫ ନମ୍ବର ( ଶତକଡ଼ା ୯୫)ରଖି ୩ୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ (ବିଜ୍ଞାନ ଓ ବାଣିଜ୍ୟ) ମୋଟ ୭୮ ଜଣ ପରୀକ୍ଷା ଦେଇଥିବା ବେଳେ ୭୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନ ବିଭାଗରେ ଗଜିନି ଶୁଭଶ୍ରୀ ଶତକଡା ୯୧.୨ ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ବେଳେ ଦିବ୍ୟଜ୍ୟୋତି ରାଉତ ଶତକଡ଼ା ୯୦.୪ ଏବଂ ସୁଶ୍ରୀ ସ୍ୱାଗତିକା ନାୟକ ଶତକଡ଼ା ୮୫.୮ ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। ବାଣିଜ୍ୟ ବିଭାଗରେ ହଡସନ୍ ଷ୍ଟିଫେନ ଟାକ୍ରି ଶତକଡ଼ା ୯୨.୬ ପ୍ରତିଶତ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବର୍ଣ୍ଣାଳୀ ପାତ୍ର ଶତକଡ଼ା ୮୮ ଏବଂ ଏମ. ପ୍ରେଭିଲିକା ଶତକଡ଼ା ୮୭.୪ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ବିଶ୍ୱାଳ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବିଦ୍ୟାଳୟ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି।

# ଭଲ ଫସଲ, ସୁଖ ସମୃଦ୍ଧି ପାଇଁ ବାଲିଯାତ୍ରା

ତେନ୍ତୁଲିଖୁଣ୍ଟି, ୧୩।୫(ଡି.ଏନ୍.ଏ.)

ତେନ୍ତୁଲିଖୁଣ୍ଟି ବ୍ଲକ ଝରିଗୁମ୍ମା ପଞ୍ଚାୟତ ଡେଙ୍ଗପଦର ଗ୍ରାମରେ ୧୨ ବର୍ଷରେ ଥରେ ବାଲିଯାତ୍ରା ହୋଇଥାଏ। ୩ମାସ ଦିନ ଧରି ଗ୍ରାମର ପୂଜାରୀଙ୍କ ଘରେ ପୂଜାପାଠ କରାଯାଇ। ଏହି କୃଷିଭିତ୍ତିକ ବାଲିଯାତ୍ରାରେ ଗ୍ରାମର ସମସ୍ତ ଚାଷୀ ସାମିଲ ହୋଇଥାନ୍ତି। ସେମାନେ ବିହନ ଆଣି ଗଜା କରି ଥାଆନ୍ତି। ବାଲିଯାତ୍ରା ପାଳିଲେ ଭଲ ଚାଷ ସହ ସମସ୍ତେ ସୁଖଶାନ୍ତିରେ ରହିବା ନେଇ ବିଶ୍ୱାସ ଅଛି।

ଏହି ବାଲିଯାତ୍ରା ୯ ଦିନ ଆଗରୁ ନିକଟସ୍ଥ ନାଳର ବାଲିକୁ ଆଣି ପୂଜାର୍ଚ୍ଚନା କରି ତାହାକୁ ଯାନୀ ସାହିର ଯାନୀ ଘରେ ରଖି ବାଲି ଚାମୁଣ୍ଡା କରାଯାଏ। ନୂତନ ବାଉଁଶରେ ତିଆରି ଚାଙ୍ଗୁଡ଼ି ଏବଂ ଶାଳ ପତ୍ରରେ ତିଆରି ଦନାରେ ବାଲି ରଖି ଗ୍ରାମର ସମସ୍ତ ଦେବଦେବୀଙ୍କୁ ଆବାହନ କରି ଧାନ, ମାଣ୍ଡିଆ, ମକା,ବିରି ମୁଗ ସମସ୍ତ ପ୍ରକାର ଶଷ୍ୟ ବୁଣି ତାହାକୁ ଗଜା କରାଯାଏ। ବାଲି ଆଣିବାଠାରୁ ୯ ଦିନ ଧରି ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜାନୀଙ୍କ ଘର ସମ୍ମୁଖରେ ଗ୍ରାମର ଯୁବତୀ ଯୁବକମାନେ ଏକତ୍ରିତ ହୋଇ ଢେମସା କରିଥାଆନ୍ତି। ଏହି ବାଲିଯାତ୍ରା ଶିରା ଏବଂ ଗୁରୁମାଇଙ୍କ ନିର୍ଦ୍ଦେଶରେ ପୂଜାର୍ଚ୍ଚନା କରାଯାଇଥାଏ। ଶେଷଦିନ ଶିରା, ଗୁରୁମାଇ, ଲାଠି, ଗାଦି , କଣ୍ଟାଦୋଳି, କାଠରେ ତିଆରି ଲଙ୍ଗଳ, ଟାଙ୍ଗିଆ, ଶାବଳ, କୁଡକି ସହ ମହିଳାମାନେ ବାଲି ଟିଙ୍ଗୁଡ଼ି ଧରି ନାଚଗୀତ କରି ବାଲି ପଡିଆକୁ ଏକ ବିରାଟ ଶୋଭାଯାତ୍ରାରେ ଯାଇଥାନ୍ତି। ସେଠାରେ ଗୁରୁମାଇ ଓ ଶିରାଙ୍କ ଦ୍ୱାରା ବାଲି ବିସର୍ଜନ କରାଯାଏ। ପରିଶେଷରେ ରାତ୍ର ସମୟରେ ମନୋରଞ୍ଜନ ପାଇଁ କୋରାପୁଟିଆ ଦେଶିଆ ନାଟକ ପରିବେଷଣ କରାଯାଇଥା। ଉଦ୍‌ଯାପନୀ ଦିବସରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି,କଂଗ୍ରେସ ପୂର୍ବତନ ବିଧାୟକ ଭୁଜବଳ ମାଝି, ବ୍ଲକ ଚେୟାରମ୍ୟାନ ନିଳେନ୍ଦ୍ରୀ ନାୟକ, ଜିଲାପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ଭୁଜବଳ ମାଝି, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ପାତ୍ରପୁଟ ସମିତି ସଭ୍ୟ ଦିଲ୍ଲୀପ ପ୍ରଧାନୀ, ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ସାଧାରଣ ସମ୍ପାଦକ ଅଚ୍ୟୁତାନନ୍ଦା ବିଶୋୟୀଙ୍କ ସହ ସରପଞ୍ଚ, ସମିତି ସଭ୍ୟ, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସହ ବାଲିଯାତ୍ରା ଉଦଯାପିତ ହୋଇଛି। ଗ୍ରାମର ଯୁବଗୋଷ୍ଠୀ, ପାତ୍ରପୁଟ ଫାଣ୍ଡି କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

# ଏସ୍‌ସିଏସ୍‌ଟି ଏଣ୍ଟରପ୍ରେନ୍ୟୁର ଫାଉଣ୍ଡେଶନର ଜିଲାସ୍ତରୀୟ କମିଟି ଗଠିତ

ମାଲକାନଗିରି, ୧୩।୫(ଡି.ଏନ.ଏ.)

ମାଲକାନଗିରିସ୍ଥିତ ଏକ ହୋଟେଲ କନ୍‌ଫରେନ୍ସ ହଲରେ ଶନିବାର ସାମାଜିକ କର୍ମୀ ପ୍ରଭାକର ହନ୍ତାଳଙ୍କ ଅଧ୍ୟକ୍ଷତାରେ ଏସ୍‌ସିଏସ୍‌ଟି ଏଣ୍ଟରପ୍ରେନ୍ୟୁର ଫାଉଣ୍ଡେଶନର ମାଲକାନଗିରି ଜିଲା କମିଟି ଗଠିତ ହୋଇଯାଇଛି। ସର୍ବସସମ୍ମତିକ୍ରମେ ସଭାପତି ଭାବେ ବଂଶୀଧର ମୁଦୁଲି, ଉପ ସଭାପତି ବି. କାମେଶ୍ୱର ରାଓ, ସାଧାରଣ ସମ୍ପାଦକ ସୁରଭି ଭୌମିକ,ସହ ସମ୍ପାଦକ ମୁକା ମାଡକାମୀ, କୋଷାଧକ୍ଷ ମେଶାକ ମାଦ୍ରି ଓ ଉପଦେଷ୍ଟା ଭାବେ ପ୍ରଭାକର ହନ୍ତାଳ ଓ ରଥିକୃଷ୍ଣ ପାତ୍ରଙ୍କୁ ଚୟନ କରାଯାଇଛି। ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷିତ ହେଇ କେବଳ ଚାକିରି ପଛରେ ନ ଧାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇ ଜଣେ ଏଣ୍ଟରପ୍ରିନର ହୋଇପାରିଲେ ସେ ଆତ୍ମନିର୍ଭରଶୀଳ ହେଇପାରିବେ ବୋଲି ପାତ୍ର ମତ ଦେଇଥିଲେ। ଆଗାମୀ ଦିନରେ ସବୁ ବ୍ଲକରେ ବ୍ଲକ ସ୍ତରୀୟ କମିଟି ଗଠନ ହେବ ବୋଲି ହନ୍ତାଳ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମାଜିଜ କର୍ମୀ ସୋନୁ ଅନୁଗୁ, କୃଷ୍ଣ ମାଡକାମୀ, ବୃନ୍ଦାବନ ମାଝି, ଚୈତନ୍ୟ ମାଡି ପ୍ରମୁଖ ଉପସ୍ଥିତ ଥିଲେ।



ଗଠିତ କମିଟିର ନୂତନ ସଦସ୍ୟମାନେ ।

# ବିଜେଡି ପାଳିଲା ବିଜୟ ଉତ୍ସବ

ନବରଙ୍ଗପୁର, ୧୩।୫(ବି.ପ୍ର.)

ଝାରସୁଗୁଡ଼ା ଉପ ନିର୍ବାଚନରେ ବିପୁଳ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୁ ଜନତା ଦଳର ପ୍ରାର୍ଥୀ ଦିପାଳି ଦାସଙ୍କ ବିଜୟ ପରେ ନବରଙ୍ଗପୁର ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥଙ୍କ ଅଧ୍ୟକ୍ଷତାରେ ଏକ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଉପନିର୍ବାଚନରେ ଦିପାଳି ଦାଶ ନିକଟତମ ଭାଜପା ପ୍ରତିଦ୍ୱନ୍ଦୀଙ୍କ ଠାରୁ ୪୮ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଏହି ଅବସରରେ ଶନିବାର ନବରଙ୍ଗପୁର ମାଁ ଭଣ୍ଡାର ଘରଣୀଙ୍କ ମନ୍ଦିର ସାମ୍ନାରେ ବାଜା ମହୁରୀ ଓ ବାଣ ଫୁଟାଇବା ସହ ଉପସ୍ଥିତ ସମସ୍ତଙ୍କୁ ମିଠା ବାଣ୍ଟିଛି ନବରଙ୍ଗପୁର ନଗର ବିଜେଡି। ଏହି ବିଜୟ ଉତ୍ସବ ପାଳନ ସମୟରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି, ନବରଙ୍ଗପୁର ପୌରାଧକ୍ଷା ସୌମ୍ୟା ମହାପାତ୍ର, ଅବିଭକ୍ତ କୋରାପୁଟ ଜିଲା ଯୁବ ବିଜେଡିର ଜୋନାଲ ସଭାପତି ତାପସ ତ୍ରିପାଠୀ , ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଣ୍ଡା, ପୌର ପରିଷଦର ୧ନଂ ୱାର୍ଡ କାଉନସିଲର ଗୀତାଞ୍ଜଳି ଯାଦବ , ୯ ନଂ କାଉନସିଲର ଅଲେଖ ଶୌରା, ୨ନଂ କାଉନସିଲର ରାମ ହରିଜନ, ୧୪ ନଂ କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ୬ ନଂ କାଉନସିଲର ପି.କେଶବ ରାଜୁ, ୧୩ ନଂ କାଉନସିଲର ରଞ୍ଜିତା ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି ବାବୁଲି ମିଶ୍ର, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ମଞ୍ଜୁଳା ମାଝି, ଜିଲା ବିଜେଡି ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ଉତ୍ତମ ତ୍ରିପାଠୀ, ଉପସଭାପତି ରବି ପଟ୍ଟନାୟକ, ଜିଲା ବିଜେଡି ସାଧାରଣ ସମ୍ପାଦକ ଭୀମ ହରିଜନ, ନବରଙ୍ଗପୁର ନଗର ଯୁବ ବିଜେଡି ସଭାପତି ପିଣ୍ଟୁ ଲେଙ୍କା, ଛାତ୍ର ନଗର ବିଜେଡି ସଭାପତି ବୁନ୍ ମହାପାତ୍ର, ପୂର୍ବତନ କାଉନସିଲର ସୁଧୀର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ନେତା ଓ କର୍ମୀମାନେ ଉତ୍ସବ ମନାଉଛନ୍ତି ।

# ଖବରଦାତା ସମ୍ମିଳନୀରେ ବିଜେଡିକୁ ଟାର୍ଗେଟ କଲା କଂଗ୍ରେସ

ନବରଙ୍ଗପୁର, ୧୩।୫(ବି.ପ୍ର.)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ ।

ଶାସକ ଦଳ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ପୁଷ୍ଟିସାର ଯୋଗାଉଛି। ସହଯୋଗ କରି ନିଜ ଦଳୀୟ ପାଣ୍ଠି ବୃଦ୍ଧି କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତି ଦୃଢ଼ କରୁଛି ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୁନା ତ୍ରିପାଠୀ ଏଭଳି ଅଭିଯୋଗ କରିଛନ୍ତି। ବିଧାୟକ ସଦାଶିବ ପ୍ରଧାନୀ ଅପରାଧୀଙ୍କୁ ପୃଷ୍ଠପୋଷକ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ନବରଙ୍ଗପୁର ପୋଲିସ କିଛିଦିନ ତଳେ ଡକାୟତି ଯୋଜନା କରୁଥିବା ୯ ଜଣ ଯୁବକଙ୍କୁ ଗିରଫ କରିଥିଲା। ସମାନଙ୍କ ମଧ୍ୟରେ ତେନ୍ତୁଲିଖୁଣ୍ଟି ବ୍ଲକ ଯୁବ ବିଜେଡି ସାଧାରଣ ସମ୍ପାଦକ ବାବୁନି ନାୟକ ଅଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ବାବୁନି ଓ ପୋଲିସ ସହଯୋଗରେ ଅଜ୍ଞାତବାସରେ ଥିବା ସମିତି ସଭ୍ୟଙ୍କୁ ବଳପୂର୍ବକ ଆଣି ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ହାତେଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅଧ୍ୟକ୍ଷ ନିର୍ବାଚନବେଳେ ବିଧାୟକ ଉକ୍ତ ବ୍ୟକ୍ତିଙ୍କ ସହଯୋଗ ନେଇ ସମିତି ସଭ୍ୟଙ୍କୁ ଧମକ ଦେଇ ଭୋଟ ହାତେଇଥିଲେ। ଉପାଧ୍ୟକ୍ଷ ଓ ଅନ୍ୟ ଜଣେ ମହିଳା ସମିତି ସଭ୍ୟ ଏଭଳି ଧମକ ଯୋଗୁ ନିଜ ଭୋଟ ଅଧ୍ୟକ୍ଷାଙ୍କୁ ଦେଇଥିବାର ସ୍ପଷ୍ଟତା ରହିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ବାବୁନି ନାୟକଙ୍କ ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ବିଧାୟକ ଅଜ୍ଞ ନୁହନ୍ତି। କେବଳ ରାଜନୀତି କରୁଛୁ ସବୁ ବର୍ଗର ଲୋକେ ଆମକୁ ଭେଟୁଛନ୍ତି ଓ ଫଟୋ ଉଠାଉଛନ୍ତି କହି ସେ ଖସି ଯାଆନ୍ତି ବୋଲି କଂଗେସ କହିଛି। ବିଧାୟକଙ୍କ ତେନ୍ତୁଲିଖୁଣ୍ଟି ବ୍ଲକର ୯୫ ପ୍ରତିଶତ କାର୍ଯ୍ୟକ୍ରମରେ ସେ ଉପସ୍ଥିତ ଥାଆନ୍ତି। ସାଇବର ଯୁଗରେ ବିଧାୟକ ଉକ୍ତ ବ୍ୟକ୍ତିଙ୍କ ନାମରେ କେଉଁ ଥାନା ରେ କେତୋଟି ମାମଲା ଅଛି କିପରି ଜାଣିପାରିଲେ ନାହିଁ ତାହା ସ୍ପଷ୍ଟ କରନ୍ତୁ ବିଧାୟକ ବୋଲି କହିଛି କଂଗ୍ରେସ। ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ପୋଲିସକୁ କଂଗ୍ରେସ ଧନ୍ୟବାଦ ଦେଇଛି। ଖାଲି ମୋଟର ସାଇକଲରେ ବୁଲା ନୁହଁ ବିଧାୟକଙ୍କ ଘନିଷ୍ଠତା ଉଭୟଙ୍କ ଫୋନ କଲ ଯାଞ୍ଚ କଲେ ସ୍ପଷ୍ଟ ହୋଇଯିବ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏସମସ୍ତ ଘଟଣାକୁ ଦୃଷ୍ଟିରେ ନେଲେ ରାଜନୀତି ଏବେ ଅପରାଧ ଆଡ଼କୁ ଗତି କରୁଛି। ଯଦି ଅପରାଧିକ ଘଟଣାରେ ସମ୍ପୃକ୍ତ ନେତାଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ କଂଗ୍ରେସ ଆନ୍ଦୋଳନ କରିବ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଆଦିବାସୀ କଂଗ୍ରେସ ସଭାପତି ଦିଲୀପ ପ୍ରଧାନୀ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ଦିବାକର ପୂଜାରୀ, ଅବଦୁଲ ଫିରୋଜ, ପ୍ରଦୀପ ସାହୁ, ପ୍ରହଲ୍ଲାଦ ହିଆଲ, ଭୀମ ପାଣିଗ୍ରାହୀ, ଦେବକାନ୍ତ ପତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବିଧାୟକ ସଦାଶିବ ପ୍ରଧାନୀଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ହେଉଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି ।

## ସଂକ୍ଷେପରେ

### ବାଳନିକେତନର ୪୩ତମ ପ୍ରତିଷ୍ଠା ଦିବସ

ଗୁଣପୁର,୧୩।୫(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ଲିମାମେଡ଼ାରେ ଥିବା ବାଳନିକେତନ ଶିଶୁଯତ୍ନ ଅନୁଷ୍ଠାନର ୪୩ ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଏଲ୍. ସୁରେଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତେବାସୀଙ୍କୁ ଉତ୍ତମ ଅଧ୍ୟୟନ ଧାରା ବଜାୟ ରଖିବା ସହ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ଗ୍ରହଣ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ରାୟଗଡ଼ା ଜିଲା ରମାନଗୁଡ଼ା ବ୍ଲକ ଜିଲା ପରିଷଦ ସଭ୍ୟ ସୁରେଶ ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ, ସାହାରା ପରିବାର ପରାମର୍ଶ କେନ୍ଦ୍ର ନିର୍ଦ୍ଦେଶକ ତଥା ଆଇନଜୀବୀ ପ୍ରମୋଦ ସାହୁ, ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ବାଞ୍ଛାନିଧି ମହାନ୍ତି ଯୋଗଦେଇଥିଲେ। ଏକ ଅତିରିକ୍ତ ଗୃହ ନିର୍ମାଣ ପାଇଁ ବିଧାୟକ ଗମାଙ୍ଗ ତାଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଅନ୍ତେବାସୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପରିଚାଳନା କମିଟି, କର୍ମଚାରୀ ଓ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସହାୟତାରେ ନିର୍ମାଣ କରାଯାଇଥିବା ଏକ ବହୁମୁଖୀ କୋଠାର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ପିଲାଙ୍କ ପାଠାଗାର ଗୃହ, କ୍ରୀଡ଼ା ସାମଗ୍ରୀ ଓ ବୈଠକ ଗୃହ ରହିଛି। ଶେଷରେ ଅନ୍ତେବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ୱାର୍ଡ ସଦସ୍ୟ ଗୌରଚନ୍ଦ୍ର ସେନାପତି ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ପରିଚାଳନା କମିଟି ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି, ପୁରାତନ ଛାତ୍ର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଝୁଲନ୍ତା ମୃତଦେହ ଜବତ

ଝରିଗାଁ,୧୩।୫(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ତେଲନଦୀ ପଞ୍ଚାୟତ ଅଧୀନ ମଙ୍ଗରଦରା ଗୌଡ଼ ସାହି ଗ୍ରାମର ଦୈତେଲ ଗୌଡ଼ଙ୍କ ପୁଅ ଭୁବନ ଗୌଡ଼ (୨୦)ଙ୍କ ଝୁଲନ୍ତା ମୃତଦେହ ଶନିବାର ମିଳିଛି। ସେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭୁବନ ଶନିବାର ସକାଳେ ଗାଧୋଇବା ପାଇଁ ଗାଁ ନିକଟସ୍ଥ ପୋଖରୀକୁ ଯାଇଥିଲା। ତେବେ ଦୀର୍ଘ ସମୟ ଧରି ଘରକୁ ଫେରି ନଥିଲେ। ତେବେ ଅପରାହ୍ନରେ ପୋଖରୀକୁ ମାଛ ଧରିବାକୁ ଯାଇଥିବା ଲୋକେ ଭୁବନଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ଅଭିଯୋଗ ପାଇ ଝରିଗାଁ ଥାନା ଏଏସ୍‌ଆଇ ଅଶୋକ କୁମାର ପାଳ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି କହିଛନ୍ତି।

# ୬୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

## ରାୟଗଡାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

ରାୟଗଡ଼ା ଅଫିସ/ ରାୟଗଡ଼ା (ସ୍ୱ.ପ୍ର.),୧୩।୫

ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ବିକ୍ରମ କେଶରୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁରରେ ଦୀର୍ଘଦିନ ଧରି ପଡିରହିଥିବା ୧୮୫ ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ୫୭, ୭୨, ୫୫୫ ଟଙ୍କା ଆଦାୟ କରାଯାଇଛି। ଏଥିସହ ରାଜସ୍ୱ ସମ୍ବନ୍ଧିତ ୩୧୧୩ ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ୨୨ ହଜାର ୧୫୬ ଓ ପ୍ରିଲିଟିଗେଶନ ସମ୍ବନ୍ଧିତ ୨୫ ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ୮ ଲକ୍ଷ ୯୪ ହଜାର ଟଙ୍କା ଆଦାୟ ହୋଇଛି । ଏହି ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ନିବେଦିତା ପଣ୍ଡା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ବିଚାରପତି ଅମୃତ ରଞ୍ଜନ ନନ୍ଦ, ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଏସ୍.ଏ.କେ ଜାହିରା ଅହମ୍ମଦ, ଅତିରିକ୍ତ ଜିଲା ଦୌରା ଜଜ୍ ରିନା ଚୌଧୁରୀ, ମହିଳା କୋର୍ଟ ବିଚାରପତି ସୋନଲ ଶର୍ମା, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟରୂପ ସାହୁ, ଅନୁ ବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି, ଗ୍ରାମ୍ୟ ନ୍ୟାୟାଧିକାରୀ ସୁଭାସିନୀ ବେହେରା ଓ ପ୍ରଥମ ଶ୍ରେଣୀ ବିଚାରପତି ଚନ୍ଦନ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ।

## ୬ ପାରିବାରିକ ମାମଲା ସମାଧାନ

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.)୧୩।୫

ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍) ଅଧକ୍ଷ ତଥା ଜିଲା ଦୌରାଜଜ୍‌ଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ପରିବାର ଅଦାଲତ ପକ୍ଷରୁ ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ସମୁଦାୟ ୬ଟି ପାରିବାରିକ ମାମଲାର ସମାଧାନ ହୋଇପାରିଛି। ତନ୍ମଧ୍ୟରୁ ୫ଟି ଭରଣପୋଷଣ ଓ ଗୋଟିଏ ଦେୱାନି ମକଦ୍ଦମା ରହିଛି। ଉକ୍ତ ଲୋକ ଅଦାଲତରେ ପରିବାର ଅଦାଲତ ବିଚାରପତି ଅମୃତ ରଞ୍ଜନ ନନ୍ଦ ଏବଂ କାଉନସିଲର ଆଶା ଆକାଶ ଗୁରୁଙ୍କ ଉଦ୍ୟମ ଯୋଗୁ ବହୁଦିନରୁ ପାରିବାରିକ ସମସ୍ୟା ପାଇଁ ଅଲଗା ହୋଇ ରହୁଥିବା ଦୁଇ ଦମ୍ପତିଙ୍କର ମିଳାମିଶା ହୋଇପାରିଛି। ଉକ୍ତ ଲୋକ ଅଦାଲତରେ ବକେୟା ଭରଣପୋଷଣ ବାବଦକୁ ସମୁଦାୟ ୪, ୪୯, ୭୬୬ ଟଙ୍କା ଆବେଦନକାରୀ ଅପର ପକ୍ଷରୁ ପାଇଥିଲେ।


ପରିବାର ଅଦାଲତରେ ମାମଲା ସମାଧାନ ପାଇଁ ଆସିଥିବା ଦମ୍ପତିଙ୍କ ସହିତ ପରିବାର ଅଦାଲତ କାଉନସିଲର ଆଶା ଆକାଶ ଗୁରୁ ଓ ଆଇନଜୀବୀ ଶୁଭ୍ରା ପଣ୍ଡା।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ


ଏକ ମାମଲାର ବିଚାର ଚାଲିଛି।

ନବରଙ୍ଗପୁର,୧୩।୫(ବି.ପ୍ର.)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ପରିସରରେ ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଦ୍ୱିତୀ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲା ଦୌରାଜଜ୍ ଗୋଟିଏ ଏମ୍‌ଏସିଟି କେସ ଫଇସଲା କରି ୪୨,୫୦,୦୦୦ ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି। ୨ ଗୋଟି ଏକ୍‌ଜିକ୍ୟୁଶନ ପିଟିଶନ କେସ ଫଇସଲା କରି ୫ ଲକ୍ଷ ୩୭୨୬ ଟଙ୍କା ଋଣ ଆଦାୟ ହୋଇଛି। ପରିବାର ବିଚାରବିଭାଗୀୟ ଜର୍ଜ ଡକ୍ଟର ମୁନରାନୀ ମିଶ୍ର ୯ଟି ପାରିବାରିକ ବିବାଦ କେସ ସମାଧାନ କରିଛନ୍ତି। ସେଥିମଧ୍ୟରୁ ଗୋଟିଏ କେସରେ ଆପୋଷ ମିଳାମିଶା କରାଯାଇଛି। ବରିଷ୍ଠ ଦେବାନୀ ଜଜ୍ ଅନ୍ନପୂର୍ଣ୍ଣା ନାୟକ ୭ଟି ବ୍ୟାଙ୍କ ଋଣ ଦେୟ ସମ୍ବନ୍ଧୀୟ ବିବାଦର ଫଇସଲା କରି ୬ଲକ୍ଷ ୩ହଜାର ୭୭୨.୮୦ ଟଙ୍କା ଋଣ ଆଦାୟ କରିଛନ୍ତି ଏ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ ୨୫ ଟି ଫୌଜଦାରୀ ମକଦ୍ଦମା ଫଇସଲା କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୨୩ଟି କୋର୍ଟ କେସ ଓ ୧୦୦୭୬ ଗୋଟି ରାଜସ୍ୱ କେସ ଫଇସଲା କରାଯାଇ ୬ଲକ୍ଷ ୬୬,୭୩୦ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ବ୍ୟାଙ୍କର ୪ ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ୩୫ ହଜାର ଋଣ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅତିରିକ୍ତ ଜିଲା ଜଜ୍ ଶିବ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଡିଏଲ୍‌ଏସ୍ ସଚିବ ଜନକ ରାଉତ ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିବାବେଳେ ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଶୋଭାଯାତ୍ରାରେ ବାଲିଯାତ୍ରା ମଣ୍ଡପକୁ ଗଲେ ଲାଠି, କୁର୍ଚି

## ୩ ମାସ ପରେ ସରିଲା ବୋରିଗାଁ ବାଲିଯାତ୍ରା

ଡାବୁଗାଁ, ୧୩।୫(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ସଦରରେ ୩ ମାସ ଧରି ଚାଲିଥିବା ବାଲିଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ସମୟରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝି, ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ବ୍ଲକ ଅଧକ୍ଷା ବୀଣା ମାଝି, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ମିଶ୍ର, ପି.ନାଗାରାଓ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସୁକାଲୁ ପୂଝାରୀଙ୍କ ଘର ପଛ ପଟରେ ବୁଣାଯାଇଥିବା ଶସ୍ୟକୁ ମୁଣ୍ଡାଇ ଶ୍ରଦ୍ଧାଳୁମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାରେ ଦେବୀଙ୍କ ପ୍ରତୀକ ଲାଠି, କୁର୍ଚି, ପାଲିଙ୍କି ସାମିଲ ହୋଇଥିଲେ। ଶୋଭାଯାତ୍ରା ବାଲିଯାତ୍ରା ମଣ୍ଡପ ନିକଟରେ ପହଞ୍ଚିବା ପରେ ସେଠାରେ ଦେବଦେବୀଙ୍କ ପ୍ରତୀକ ଲାଠି, କୁର୍ଚି ରଖାଯାଇ ପୂଜା କରାଯାଇଛି। ମୁଠା ପୂଜାରୀ ସୁକାଲୁ, ଅମନିତ ଡୁମା ପୂଜାରୀ ସୁକମନ, ମାଟି ପୂଜାରୀ ଜଗା, ମା ପେଣ୍ଡ୍ରାଣୀ ପୂଜାରୀ ସୁନାଧର, ମହପା ପୂଝାରୀ ମହାଦେବ, ରାଜେନ୍, ଧନୁର୍ଜୟ, ମୋତିରାମ, ସଦନ, ଶିରାମାନେ- ଫଗୁନୁ, ସୋମନାଥ, ସନସାଇ, ଗୋବିନ୍ଦ, କେତନ, ଦୁର୍ଗା, ଶୁକ୍ରୁ ଓ ଅନନ୍ତରାମ ଉପସ୍ଥିତ ଥିଲେ। ଗ୍ରାମର ଦଶମୁ କଲାର, ଡମୁ ପୂଜାରୀ, ଈଶ୍ୱର ଭତ୍ରା, କୁଶ ପନକା, ଅମୂଲ୍ୟ ନାୟକ, ଚନ୍ଦ୍ର ପନକା, ଧନସିଂ ପନକା, ସୋନୁ ଗୁପ୍ତା, ଟିନୁ ଗୁପ୍ତା, ଅଯୋଧା ମାଳୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ରାତ୍ରିରେ ଭକ୍ତମାନଙ୍କ ନିମନ୍ତେ ଦେଶିଆ ନାଟ ପ୍ରଦର୍ଶନ କରାଯାଇଥିଲା। କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସମେତ ସରପଞ୍ଚ ଏବଂ ମେମ୍ବର ଏଥିରେ ସହଯୋଗ କରିଥିଲେ।


ଲାଠି, କୁର୍ଚିଙ୍କ ପୂଜାର୍ଚ୍ଚନା କରାଯାଉଛି।

## ଜଗନ୍ନାଥ ମହାପାତ୍ର ପଞ୍ଚମଥର ସଭାପତି

### ନବରଙ୍ଗପୁର ଲାୟନ୍ସ କ୍ଲବ ନୂତନ କର୍ମକର୍ତ୍ତା ଚୟନ

ନବରଙ୍ଗପୁର,୧୩।୫(ବି.ପ୍ର.)

ନବରଙ୍ଗପୁର ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲର ଲାୟନ ଷ୍ଟିକ୍ ୨୦୨୩-୨୪ ପାଇଁ ନୂତନ କର୍ମକର୍ତ୍ତା ଚୟନ, ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁରର ସାମାଜିକ କର୍ମୀ ତଥା ଅନୁଷ୍ଠାନର ସଭାପତି ଲାୟନ୍ସ ଜଗନ୍ନାଥ ମହାପାତ୍ର ସର୍ବସମ୍ମତି କ୍ରମେ ନିର୍ଦ୍ୱନ୍ଦ୍ୱରେ ପୁନର୍ବାର ସଭାପତିଭାବେ ମନୋନୀତ ହୋଇଛନ୍ତି। ଲାୟନ୍ସ ଭୁବନେଶ୍ୱର ସୁର ସମ୍ପାଦକ, ଲାୟନ୍ସ ବି. ଶ୍ରୀଜୟ ଜୈନ କୋଷାଧ୍ୟକ୍ଷ, ଲାୟନ୍ସ ପି.ଏସ୍. ଶେଖର ଓ ଲାୟନ୍ସ ନନ୍ଦିକେଶ୍ୱର ରାଓଙ୍କୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଉପସଭାପତିଭାବେ ମନୋନୀତ କରାଯାଇଛି। ନବନିର୍ବାଚିତ ପ୍ରତିନିଧିଙ୍କୁ କ୍ଲବ ଡାଇରେକ୍ଟର ଡ. ଧନଞ୍ଜୟ ପଟ୍ଟନାୟକ, ଲାୟନ୍ସ ଶ୍ରୀକାନ୍ତ ମହାନ୍ତି, ଲାୟନ୍ସ ପି.ଏଲ୍. ମୂର୍ତ୍ତି, ଲାୟନ୍ସ ଦିଲୀପ ଦାସ, ଲାୟନ୍ସ ଅଖିଳ ଭଞ୍ଜ, ଲାୟନ୍ସ ଡିଏମ୍‌ପି ଦାସ, ଲାୟନ୍ସ ବିକାଶ ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ନୂତନଭାବେ ମନୋନୀତ କର୍ମକର୍ତ୍ତାମାନେ ପୂର୍ବବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ଅନୁଷ୍ଠାନର ଗୌରବ ବୃଦ୍ଧି କରିବା ପାଇଁ ସଂକଳ୍ପ ନେଇଛନ୍ତି।




## ଜିଆଇଇଟିରେ ଚାଲିଥିବା ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଶିବିରରେ ଭାଗ ନେଇଥିବା ଅତିଥି, ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ।

ଗୁଣପୁର, ୧୩।୫(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ଓ ଜାତୀୟ ବୈଷୟିକ ଶିକ୍ଷକ ତାଲିମ୍ ଏବଂ ଅନୁସନ୍ଧାନ ପ୍ରତିଷ୍ଠାନ ମିଳିତ ଆନୁକୁଲ୍ୟରେ ପାଞ୍ଚଦିନ ଧରି ଚାଲିଥିବା ସ୍ୱଳ୍ପକାଳୀନ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ପ୍ରଫେସର ଡ. ସୁସ୍ମିତ ପ୍ରସାଦ ପାଣି ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଏହି ଶିବିର ଦ୍ୱାରା ଅଧ୍ୟାପିକା, ଅଧ୍ୟାପକଙ୍କର ଗୁଣାତ୍ମକ ଶିକ୍ଷାଦାନରେ ସହାୟକ ହୋଇପାରିବ ବୋଲି କହିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ଡ. ଏ.ଭି.ଏନ୍.ଏଲ୍ ଶର୍ମା, ଜାତୀୟ ବୈଷୟିକ ଶିକ୍ଷକ ତାଲିମ ଏବଂ ଅନୁସନ୍ଧାନ ପ୍ରତିଷ୍ଠାନର ଭୁବନେଶ୍ୱର କେନ୍ଦ୍ର ପରାମର୍ଶଦାତା ଉତ୍କଳ ରଞ୍ଜନ ଦାସ, ତାଲିମଦାତା ସହଯୋଗୀ ଅଧ୍ୟାପିକା ଡ. ହବିବା ହୁସେନ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ତନୟା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ ଡ. ଏ.ବି. ଶ୍ରୀନିବାସ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ପାଞ୍ଚଦିନ ଧରି ଚାଲିଥିବା ଏହି ଶିବିରରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଶିବିରକୁ ଅଧ୍ୟାପକ ଡ. ବ୍ରଜକିଶୋର ମିଶ୍ର ସଂଯୋଜନା କରିଥିଲେ।

# କ୍ଷେଶନରେ ଅଟକିଥିବା କୋଇଲା ବୋଝେଇ ବଗିରେ ନିଆଁ

ରାୟଗଡ଼ା,୧୩।୫(ସ୍ୱ.ପ୍ର.)

ରାୟଗଡ଼ା ରେଳଷ୍ଟେଶନରେ ଦୀର୍ଘ ୨୮ଦିନ ଧରି ମରାମତି ପାଇଁ ଅଟକି ରହିଥିବା ଏକ କୋଇଲା ବୋଝେଇ ବଗିରେ ନିଆଁ ଲାଗିଯାଇଛି। ବିଶାଖାପାଟଣାରୁ ଏମ୍‌ଏସ୍‌ପିସି ରାୟପୁରକୁ ଏକ ମାଲବାହୀ ଟ୍ରେନ୍ କୋଇଲା ନେଇ ଯାଉଥିଲା। ତେବେ ଉକ୍ତ ମାଲବାହୀ ଟ୍ରେନ୍‌ର ଏକ ବଗି ଖରାପ ହୋଇଥିବାରୁ ବଗିଟିକୁ ସେଠାରେ ଛାଡ଼ି ଟ୍ରେନ ଚାଲିଯାଇଥିଲା। ଉକ୍ତ କୋଇଲା ବୋଝେଇ ବଗିଟି ମରାମତି ପାଇଁ ରାୟଗଡ଼ା ରେଳ ଷ୍ଟେଶନର ଡିଜେଲ ସାଇଡିଂ ଅଞ୍ଚଳରେ ରହିଥିଲା। ତେବେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଉକ୍ତ କୋଇଲାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇବା ପରେ ରେଳ କର୍ତ୍ତୃପକ୍ଷ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।

## ଡାକ୍ତରଙ୍କ ଘରୁ ଚୋରି

ସେମିଳିଗୁଡା,ସୁନାବେଡା,୧୩।୫ (ସ୍ୱ.ପ୍ର)

ସେମିଳିଗୁଡା ସରସ୍ୱତୀ ନଗରରେ ରହୁଥିବା ଜଣେ ଡାକ୍ତରଙ୍କ ଘରୁ ଚୋରି ହୋଇଛି। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦାୟିତ୍ୱରେ ଥିବା ଅମିତ ସାହୁ ପରିବାର ସହ ବହୁ ଦିନରୁ ସେମିଳିଗୁଡାରେ ରହି ଆସୁଛନ୍ତି। ପରିବାର ଲୋକେ କୌଣସି କାମରେ ଡୁମୁରିପୁଟ ଯାଇଥିବା ବେଳେ ଡାକ୍ତର ସାହୁ ନିଜ ରାତି ଡିୟୁଟିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଘର ପଛପଟ ଗେଟ୍ ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶି ଇନଭଟର ବ୍ୟାଟେରି ସହ ବହୁ ଇଲକ୍ଟ୍ରୋନିକ୍ସ ସରଞ୍ଜାମ ଓ ଲୁଗାପଟା ନେଇ ଯାଇଥିବା ଜଣାପଡିଛି। ଏନେଇ ଡାକ୍ତର ସାହୁ ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ କେସ ନଂ. ୫୭/୨୩ରେ ଏକ ମାମଲା ରୁଜୁ ହୋଇଛି।

# ତନ୍ମୟୀ ଚାନ୍ଦ ବିଜ୍ଞାନ, ପି. ଶ୍ରୀଜା ବାଣିଜ୍ୟରେ ରାୟଗଡ଼ା ଜିଲା ଟପ୍ପର

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ


ତନ୍ମୟୀ ଚାନ୍ଦ


ପି. ଶ୍ରୀଜା

ଗୁଣପୁର, ୧୩।୫(ଡି.ଏନ୍.ଏ.)

ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ବିଜ୍ଞାନରେ ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରୀ ତନ୍ମୟୀ ଚାନ୍ଦ ୯୪.୪୦% ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଜି. ଶ୍ୱେତା ବିନ୍ଦୁ ୯୩% ନମ୍ବର ରଖି ସ୍କୁଲରେ ଦ୍ୱିତୀୟ ସ୍ଥାନ ଓ ଟି. ଶ୍ରୁତି ୯୧.୬୦% ନମ୍ବର ରଖି ତୃତୀୟ ହୋଇଛନ୍ତି। ସେହିଭଳି ବାଣିଜ୍ୟରେ ପି. ଶ୍ରୀଜା ୯୧% ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସୁବୁଦ୍ଧି ରମ୍ୟା ୮୮.୪୦% ରଖି ସ୍କୁଲରେ ଦ୍ୱିତୀୟ ଓ ପଲ୍ଲବୀ ପାଣିଗ୍ରାହୀ ୭୯.୪୦% ନମ୍ବର ରଖି ତୃତୀୟ ହୋଇଛନ୍ତି। ବିଦ୍ୟାଳୟର ୬ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଶ୍ରେଷ୍ଠ ସ୍ଥାନରେ ଥିବାବେଳେ ୩୯ଜଣ ଛାତ୍ରୀଛାତ୍ର ୭୫%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଡିଷ୍ଟିଙ୍ଗସନ ପାଇଛନ୍ତି। ଚଳିତ ପରୀକ୍ଷାରେ ୧୧୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାୟତଃ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଂଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟପ୍ରକାଶ ପଣ୍ଡା ଓ ସମ୍ପାଦକ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ।

### ସମ୍ଭବ ମହାପାତ୍ର ସ୍କୁଲ ଟପ୍ପର

ଟିକିରି, ୧୩।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଓଷାପଡ଼ାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଚଳିତବର୍ଷ ପ୍ରଥମ କରି ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଛନ୍ତି। ମୋଟ ୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମ୍ଭବ ମହାପାତ୍ର ୯୪.୨% ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ଆଦର୍ଶ ପାଣ୍ଡେ ୯୨.୬% ନମ୍ବର ରଖି ଦ୍ୱିତୀୟ ଓ ଅରିବ୍ ଅହମ୍ମଦ ୯୦% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଉତ୍କଳ ଆଲୁମିନାର ୟୁନିଟ୍ ହେଡ୍ ମଜହର୍ ଉଲ୍ଲା ବେଗ୍ ଓ ବିଦ୍ୟାଳୟ ପରିଚାଳନା କମିଟି ସଂରକ୍ଷକ ହିନା ବେଗ୍, ଅଧ୍ୟକ୍ଷା ସୁଶ୍ରୀ ରିଙ୍କୁ ବାନାର୍ଜୀ, ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଓଏଭି ଝରିଗାଁ, ଜିପିଏସ୍, ଆଦିତ୍ୟ ବିର୍ଲା

## ପବ୍ଲିକ ସ୍କୁଲର ଶତପ୍ରତିଶତ ପାସ୍ ହାର

- ସିବିଏସ୍‌ଇ ଦଶମ ପରୀକ୍ଷାଫଳ
- ଅଙ୍କିତା ବିଶ୍ୱାସ ଟପ୍ପର


ଅଙ୍କିତା ବିଶ୍ୱାସ


ଅଭିଷେକ ପାତ୍ର


ବର୍ଷା ପ୍ରିୟଦର୍ଶିନୀ

ଝରିଗାଁ,୧୩।୫(ସ୍ୱ.ପ୍ର.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ନବରଙ୍ଗପୁର ଜିଲା ଝରିଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ ହୋଇଛି । ଅଙ୍କିତା ବିଶ୍ୱାସ ୯୨.୪% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଅଭିଷେକ ପାତ୍ର ୮୫.୨% ମାର୍କ ରହି ଦ୍ୱିତୀୟ ଏବଂ ବର୍ଷା ପ୍ରିୟଦର୍ଶିନୀ ଗିରି ୮୨.୨%ମାର୍କ ରହି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତବର୍ଷ ୬୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବୁଲୁ ସାହୁ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

### ଯଶରାଜ ଜିପିଏସ୍ ଟପ୍ପର

ଗୁଣପୁର, ୧୩।୫ (ଡି.ଏନ୍.ଏ)



ଯଶରାଜ ବିଶ୍ୱାଳ ରୁଦ୍ରସାଇ ଲକ୍ଷ୍ମୀ ପ୍ରସାଦ

ପ୍ରକାଶ ପାଇଥିବା ଚଳିତବର୍ଷର ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଗାନ୍ଧୀ ପବ୍ଲିକ ସ୍କୁଲ (ଜିପିଏସ୍) ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ପାଇଛନ୍ତି। ଛାତ୍ର ଯଶରାଜ ବିଶ୍ୱାଳ ୯୬.୪୦% ନମ୍ବର ରଖି ପ୍ରଥମ, ଜୁନୁସ ପାଲ ଓ ଭି.ସାଇ ଗଣେଶ ୯୪.୬୦% ନମ୍ବର ରଖି ଯୁଗ୍ମ ଦ୍ୱିତୀୟ, ଜିତୁ ପଣ୍ଡିତ, ମିନର୍ଭା ପଣ୍ଡା ଏବଂ ନିକିତା ପାଣିଗ୍ରାହୀ ୯୪.% ନମ୍ବର ପାଇ ତୃତୀୟ ସ୍ଥାନରେ ଅଛନ୍ତି। ଚଳିତ ବର୍ଷ ପରୀକ୍ଷା ଦେଇଥିବା ୧୧୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩ ଜଣ ୯୦%ରୁ ଊର୍ଦ୍ଧ୍ୱ, ୫୬ ଜଣ ୭୫%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା, ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ ସତ୍ୟପ୍ରକାଶ ପଣ୍ଡା ଏବଂ ସମ୍ପାଦକ ଡ ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେହିଭଳି ଗୁଣପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ରୁଦ୍ରସାଇ ଲକ୍ଷ୍ମୀ ପ୍ରସାଦ ମଧ୍ୟ ୯୬.୪୦%ନମ୍ବର ରଖିଛନ୍ତି।

### ସାଇସ୍ୱରୂପ ପୃଷ୍ଟି ସ୍କୁଲ ଟପ୍ପର

ଟିକିରି, ୧୩।୫(ଡି.ଏନ୍.ଏ.)



ରାୟଗଡ଼ା ଜିଲା କାଶୀପୁର ବ୍ଲକ ଓଷାପଡ଼ାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ପାସ୍‌ହାର ଶତ ପ୍ରତିଶତ ରହିଛି। କ୍ରମାଗତ ସପ୍ତମ ବର୍ଷ ନିମନ୍ତେ ସ୍କୁଲକୁ ଏହି ଫଳତା ମିଳିଛି। ଏଥିସହ ଚଳିତବର୍ଷ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ଅଧ୍ୟକ୍ଷା ରିଙ୍କୁ ବାନାର୍ଜୀ କହିଛନ୍ତି। ୧୮ ଜଣ ପରୀକ୍ଷାର୍ଥୀ ଚଳିତବର୍ଷ ଦଶମ ପରୀକ୍ଷା ଦେଇଥିଲେ। ସାଇସ୍ୱରୂପ ପୃଷ୍ଟି ୯୪.୮% ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ, ହିବା ବେଗ୍ ଓ ଶ୍ରଦ୍ଧାସୁମନ ପ୍ରଧାନ ୯୪.୪% ନମ୍ବର ରଖି ଯୁଗ୍ମ ଦ୍ୱିତୀୟ, ହିମାଂଶୁ ଶେଖର ସାହୁ ୯୩.୬% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୮ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି।

